

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୭ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 7 FEBRUARY 2024
Vol.No. 35 ■ No.37 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ହାରିଲେ ଶରଦ, ଜିତିଲେ ଅଜିତ ପାୱାର



ନୂଆଦିଲ୍ଲୀ, ୬/୨ : ଭେଟରାନ ରାଜନେତା ଶରଦ ପାୱାରଙ୍କୁ ଜୋରଦାର ଝଟକା। ଯେଉଁ ହାତରେ ସେ ଏନସିପି ଭଳି ଗୋଟିଏ ବିରାଟ ଦଳ ଗଠନ କରିଥିଲେ ଆଜି ସେଇଟା ତାଙ୍କ ହାତରୁ ଖସି ଯାଇଛି। ତାଙ୍କ ପୁତୁରା ତଥା ବିଜେପି ସହ ହାତ ମିଳାଇ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ହୋଇଥିବା ଅଜିତ ପାୱାର ଆଣ୍ଡ କୋକୁ ମିଳିଛି ପ୍ରକୃତ ଏନସିପି ମାନ୍ୟତା। ଆଜି ଭାରତୀୟ ନିର୍ବାଚନ କମିଶନ ଅଜିତ ପାୱାର ଗୋଷ୍ଠୀଙ୍କୁ ପ୍ରକୃତ ଏନସିପିର ମାନ୍ୟତା ଦେଇଛନ୍ତି। ଦଳର ନାଁ ସହ ଏନସିପିର ନିର୍ବାଚନୀ ଚିହ୍ନ ମଧ୍ୟ କେବଳ ଅଜିତ ପାୱାରଙ୍କ ଗୋଷ୍ଠୀ ବ୍ୟବହାର କରିପାରିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ୨୦୨୩ ଜୁଲାଇ ମାସରେ ଅଜିତ ପାୱାରଙ୍କ ବିଦ୍ରୋହ ଯୋଗୁ ଏନସିପି ଦୁଇ ଫାଳ ହୋଇଯାଇଥିଲା। ଉଭୟ ଅଜିତ ପାୱାର ଓ ଶରଦ ପାୱାର ଏନସିପି ଉପରେ ନିଜର ହକ ଜାହିର କରିଥିଲେ। ଶେଷରେ ମାମଲା ନିର୍ବାଚନ କମିଶନଙ୍କ ପାଖରେ ପହଞ୍ଚିଥିଲା। ନିର୍ବାଚନ କମିଶନ ୧୦ଥରର ଶୁଣାଣି କରିବା ପରେ ଅଜିତ ପାୱାରଙ୍କ ଗୋଷ୍ଠୀ ହିଁ ପ୍ରକୃତ ଏନସିପି ବୋଲି ରୁଲିଂ ଦେଇଛନ୍ତି। ସୂତ୍ର ଅନୁସାରେ ଏନସିପିର ମୋଟ ୫୩ ଜଣ ବିଧାୟକଙ୍କ ମଧ୍ୟରୁ ଅଧିକାଂଶ ଅଜିତ ପାୱାରଙ୍କ ସହ ରହିଛନ୍ତି। ତେଣୁ ନିର୍ବାଚନ କମିଶନ ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଏଥିସହ ଶରଦ ପାୱାରଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନ ନୂଆ ନାଁ ବାଛିବା ପାଇଁ କହିଛନ୍ତି। ଆଗକୁ ରାଜ୍ୟସଭା ନିର୍ବାଚନ ଥିବାରୁ ଫେବୃଆରୀ ୭ ତାରିଖ ଦିନ ୩ଟା ସୁଦ୍ଧା ଶରଦ ପାୱାରଙ୍କୁ ନିଜ ପସନ୍ଦର ୪ଟି ନୂଆ ନାଁ ଓ ଦଳୀୟ ଚିହ୍ନ ବାଛିବାକୁ କୁହାଯାଇଛି। ଏବେ ଶରଦ ପାୱାରଙ୍କ ପାଖରେ ଦଳର ୧୨ ଜଣ ବିଧାୟକ ରହିଛନ୍ତି। ୪୧ ଜଣ ବିଧାୟକ ଅଜିତ ପାୱାରଙ୍କ ସହ ମିଶି ବିଜେପି ଓ ଏକନାଥ ସିନ୍ଦେଙ୍କ ସରକାରରେ ରହିଛନ୍ତି। ନିର୍ବାଚନ କମିଶନଙ୍କ ରାୟ ପରେ ଶରଦ ପାୱାରଙ୍କ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛି। ଶରଦ ପାୱାରଙ୍କ ଗୋଷ୍ଠୀରେ ଥିବା ଅନୀଲ ଦେଶମୁଖ କହିଛନ୍ତି, "ପୂରା ବିଶ୍ୱ ଜାଣିଛି ଯେ ଏନସିପିକୁ କିଏ ପ୍ରତିଷ୍ଠା କରିଥିଲେ। ଏହା ସତ୍ତ୍ୱେ ନିର୍ବାଚନ କମିଶନ ଭିନ୍ନ ରାୟ ଦେଇଛନ୍ତି। ନିର୍ବାଚନ କମିଶନ ଗଣତନ୍ତ୍ରର ହତ୍ୟା କରିଛନ୍ତି।

## ମହାପୁରୁଷଙ୍କୁ ଅପମାନ : ଡକ୍ଟର ହରେକୃଷ୍ଣ ମହତାବ ବଦଳରେ ଲେଖାଗଲା ହରେକୃଷ୍ଣ ମହାନ୍ତି




ମହାପୁରୁଷଙ୍କ ନାଁ ଭୁଲ




ତ୍ରୁଟି ସଂଶୋଧନ

ଭଦ୍ରକ, ୬/୨ (ନି.ପ୍ର): ମହାପୁରୁଷଙ୍କ ନାଁକୁ ସ୍କୁଲ କାନ୍ଥ ଓ ରାସ୍ତାକଡ଼ରେ ଭୁଲ୍ ଲେଖାଯାଇଛି। ଭଦ୍ରକ ଜିଲ୍ଲା ଧାମନଗର ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ପାଚେରୀରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାଁକୁ ଭୁଲ ଲେଖାଯାଇଥିଲା। ବିଦ୍ୟାଳୟର ପାଚେରୀରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ନାଁକୁ ହରେକୃଷ୍ଣ ମହାନ୍ତି ବୋଲି ଲେଖାଯାଇଥିଲା। ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ଏଭଳି ତ୍ରୁଟିକୁ ସଜାଡ଼ିଥିଲା ସ୍ଥାନୀୟ ବିଜେପି। ଗତକାଲି ମହାନ୍ତିକୁ ଲିଭାଇ ମହତାବ କରାଯାଇଥିଲା। ସେହିପରି ଭଦ୍ରକ ବନ୍ତ ଛକ ରାସ୍ତାକଡ଼ ପାଚେରିରେ ସୌନ୍ଦର୍ଯ୍ୟକରଣ ପାଇଁ ମହାପୁରୁଷ ମାନଙ୍କ ଚିତ୍ର ସ୍ଥାନୀତ କରାଯାଇଛି। ତେବେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ନାଁକୁ ଏଠାରେ ଭୁଲ ଭାବେ ବାଞ୍ଛାନିଧି ଦାସ ବୋଲି ଲେଖାଯାଇଥିଲା।

▶▶ପୃଷ୍ଠା ୭

## ଦୁଇ ମହିଳା ନକ୍ସଲଙ୍କ ଆତ୍ମସମର୍ପଣ
### ସଙ୍ଗଠନ ବିରୋଧରେ ଆଣିଲେ ସାଂଘାତିକ ଅଭିଯୋଗ



ଭୁବନେଶ୍ୱର, ୬/୨ (ନି.ପ୍ର): ୨ ଜଣ ହାର୍ଡକୋର ମହିଳା ନକ୍ସଲ ଦକ୍ଷିଣ ରେଞ୍ଜ ଓଏ ଜୟନାରାୟଣ ପଙ୍କଜଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆଜି ବୌଦ୍ଧ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସେମାନେ ଓଏଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କୁ ଆଇଜି ସ୍ୱାଗତ କରିବା ସହ ସରକାରଙ୍କ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ମହିଳା ହାର୍ଡକୋର ନକ୍ସଲଙ୍କ ଆତ୍ମସମର୍ପଣ ସମୟରେ ଏସପି ରାଜ ପ୍ରସାଦଙ୍କ ସମତେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଦୁଇ ହାର୍ଡକୋର ନକ୍ସଲ ହେଉଛନ୍ତି- ମନୀଷା ଥାଟି (୨୧) ଓ ଚମ୍ପା କୋରାମ ଓରଫ ସଜନ୍ତୀ (୨୨)। ଦୁହେଁ ଛତିଶଗଡ଼ର ହୋଇଥିବା ବେଳେ ନକ୍ସଲଙ୍କ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ ଡିଭିଜନ ପାଇଁ କାର୍ଯ୍ୟ କରୁଥିଲେ। ମନୀଷା ଓ ଚମ୍ପା ୨୦୧୮ରୁ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। ଉଭୟ ଛତିଶଗଡ଼ ଓ ଓଡ଼ିଶାରେ ନକ୍ସଲଙ୍କ ଦ୍ୱାରା କରାଯାଇଥିବା ଅନେକ ହିଂସା କାଣ୍ଡରେ

▶▶ପୃଷ୍ଠା ୭

## ଓଡ଼ିଶାରେ ପହଞ୍ଚିଲା ରାହୁଲ ଗାନ୍ଧିଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରା



ଭୁବନେଶ୍ୱର, ୬/୨ (ନି.ପ୍ର): ଝାଡ଼ଖଣ୍ଡରେ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଶେଷ କରି ଓଡ଼ିଶାରେ ପହଞ୍ଚିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ଆଜି ଅପରାହ୍ନରେ ସେ ବୀରମିତ୍ରପୁରରେ ପହଞ୍ଚିଛନ୍ତି। ସେଠାରେ ତାଙ୍କୁ ରାଜ୍ୟ କଂଗ୍ରେସ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଓ ପ୍ରଭାରୀ ଅଜୟ କୁମାରଙ୍କ ସହିତ ଅନ୍ୟ ନେତାମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ବୀରମିତ୍ରପୁରରେ ଅୟୋଜିତ ସଭାରେ ରାହୁଲ ଗାନ୍ଧି କହିଥିଲେ, ଓଡ଼ିଶାକୁ ଆସି ବହୁତ ଭଲ ଲାଗୁଛି। ଘୃଣାର ବଜାରରେ ଆପଣମାନେ ପ୍ରେମର ଦୋକାନ ଖୋଲିଲେ। ଭାରତକୁ ଯୋଡ଼ିବା ମୋର ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ। ଆଦିବାସୀ, ଦଳିତ, କୃଷକ ଓ ମହିଳାଙ୍କ ପ୍ରତି ଅନ୍ୟାୟ ପ୍ରତିବାଦରେ ବାହାରିଛି ଏହି ଯାତ୍ରା। ଆଗାମୀ ୩ ଦିନ ଯାଏଁ ମୁଁ ଓଡ଼ିଶାରେ ରହିବି ଓ ଲୋକଙ୍କ କଥା ଶୁଣିବି। ଏହି ସଭାରେ ସେ ବେକାରୀ, ଦରଦାମ ବୃଦ୍ଧି, ସରକାରୀ କମ୍ପାନୀ ଗୁଡ଼ିକର ଘରୋଇ କରଣ ଓ ସାମାଜିକ ଅନ୍ୟାୟ କଥା ଉଠାଇ ଥିଲେ। ରାହୁଲ ଆଜି ରାତିରେ ବିଜାବାହାଲରେ ରହିବେ। ଆସନ୍ତାକାଲି ସକାଳ ସାଢ଼େ ୯ଟାରେ ରାଉରକେଲା ଉଦିତନଗର (ଏସପି ଅଫିସ) ଠାରୁ ଯାତ୍ରା ଆରମ୍ଭ କରିବେ। ସେଠାରୁ ସାଢ଼େ ୩ କିଲୋମିଟର ଦୂର ପାନପୋଷ ଛକଠାରେ ସକାଳ ୧୦ଟାରେ ରାହୁଲ ଗାନ୍ଧି ଜନସାଧାରଣଙ୍କୁ

▶▶ପୃଷ୍ଠା ୭

## ଦୁଇଟି ହାତୀ ଦାନ୍ତ ଜବତ: ୧୦ ଗିରଫ

ମୟୂରଭଂଜ, ୬/୨ (ନି.ପ୍ର): ହାତୀଦାନ୍ତ କାରବାର ବେଳେ ମାଡ଼ି ବସିଲା ବନ ବିଭାଗ ଟିମ୍। ଦୁଇ ହାତୀ ଦାନ୍ତ ଜବତ ସହ ୧୦ ଜଣଙ୍କୁ ଗିରଫ କରିଛି ବନ ବିଭାଗ। ଗିରଫ ବ୍ୟକ୍ତି ମାନଙ୍କ ମଧ୍ୟରେ ସମସ୍ତେ ଶିମିଳିପାଳକୁ ଲାଗିକରି ଥିବା ବିଭିନ୍ନ ଗାଁର। ହାତୀ ଦାନ୍ତ ନେଇ ଆସୁଥିବା ଥିବା ବେଳ ଦଶ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଗୋଟିଏ ଜୋଡ଼ା ହାତୀ ଦାନ୍ତ ଜବତ୍ କରିଛି ବନବିଭାଗ ଟିମ୍। ଗିରଫ ବ୍ୟକ୍ତିଙ୍କ ନିକଟରୁ ୩୦ କିଲୋର ଦୁଇଟି ବଡ଼ ହାତୀ ଦାନ୍ତ ଜବତ ହୋଇଛି। ଦକ୍ଷିଣ ଓ ଉତ୍ତର ଶିମିଳିପାଳ, ବାରିପଦା ଏବଂ ରାଇରଙ୍ଗପୁର ବନ ବିଭାଗ ସହ ପୁରୀ ବନ ବିଭାଗର ଏକ ଟିମ୍ ଏହି ଚଢାଉ କରିଥିଲା। ହାତୀ ଦାନ୍ତ ବିକ୍ରି ନେଇ ମୟୂରଭଞ୍ଜ ଯଶିପୁର ଅଞ୍ଚଳରେ ଚଢ଼ାଉ କରିଥିଲେ।

## ବହୁ ଚର୍ଚ୍ଚିତ ପରୀ ହତ୍ୟାକାରୀକୁ ୨୦ ବର୍ଷ ଜେଲ୍

ନୟାଗଡ଼, ୬/୨ (ନି.ପ୍ର): ଆସିଲା ନୟାଗଡ଼ର ବହୁଚର୍ଚ୍ଚିତ ପରୀ ଦୁଷ୍କର୍ମ ହତ୍ୟା ମାମଲା ରାୟ। ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଲେ କୋର୍ଟ। କାରାଦଣ୍ଡାଦେଶ ଶୁଣାଇଲେ ନୟାଗଡ଼ ଚିଲ୍ଡ୍ରେନ୍ସ କୋର୍ଟ। ପରୀ ମାମଲାକୁ ନେଇ ୨୦୨୦ ମସିହାରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଘର ସାମ୍ନାରେ ଖେଳୁଥିଲା ୫ ବର୍ଷର କୁନି ଝିଅ ପରୀ। ହେଲେ ଘରକୁ ଫେରିନଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ପରୀଙ୍କ ପତ୍ତା ପାଇଲେ ନାହିଁ। ଏନେଇ ପରିବାର ଲୋକେ ଥାନାରେ ଲେଖିତ ଅଭିଯୋଗ କରିଥିଲେ। ହେଲେ ପ୍ରଥମେ ପୁଲିସ୍ ମାମଲା ରୁଜୁ କରିନଥିଲା। ପରୀ ନିଖୋଜରେ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ସହଯୋଗୀଙ୍କ ହାତ ଥିବାରୁ ପୁଲିସ୍ ମାମଲା ରୁଜୁ କରୁନଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଏହି ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ଖେଳାଇ ଦେଇଥିଲା। ମାମଲାରେ ପୁଲିସ୍ର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ଏହାକୁ ନେଇ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିଲା। ମାମଲା ସ୍ଥିତି ବାହାରକୁ ଯାଉଥିବା ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଆଇପିଏସ୍ ଅଫିସର ଏସଆଇଟି

▶▶ପୃଷ୍ଠା ୭

## ମାଘରେ ବଢ଼ିଲା ତାତି



ଭୁବନେଶ୍ୱର, ୬/୨ (ନି.ପ୍ର): ମାଘରେ ବଢ଼ିଲା ଖରା। ଯେଉଁ ମାସରେ ବାଘ ଭଳି ଶୀତ ହେବା କଥା ସେହି ମାସରେ ଅନୁଭୂତ ହେଲାଣି ଗରମ। ଯେପରି ଲାଗୁଛି ରାଜ୍ୟରେ ଖରାଦିନ ଆରମ୍ଭ ହୋଇଗଲାଣି। ଗତକାଲି ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ରାତି ତାପମାତ୍ରା ବୃଦ୍ଧି ପାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଗତ ରାତିରେ ଉପକୂଳ ଓଡ଼ିଶାରେ ସ୍ୱାଭାବିକ ଠାରୁ ୨ରୁ ୫ ଡିଗ୍ରୀ ଯାଏଁ ରାତି

▶▶ପୃଷ୍ଠା ୭

## ପ୍ରଶ୍ନପତ୍ର ଲିକ କଲେ ୧୦ ବର୍ଷ ଜେଲ: ଲୋକସଭାରେ ବିଲ ପାସ



ନୂଆଦିଲ୍ଲୀ, ୬/୨ : ବିଭିନ୍ନ ସରକାରୀ ପ୍ରବେଶିକା ପରୀକ୍ଷା ପୂର୍ବରୁ ହେଉଥିବା ପ୍ରଶ୍ନପତ୍ର ଲିକ ଉପରେ ଲାଗିବ ରୋକ। କାରଣ ପ୍ରଶ୍ନପତ୍ର ଲିକ ରୋକିବାକୁ ସରକାର ଆଣିଥିବା ବିଲ ଆଜି ଲୋକସଭାରେ ପାସ ହୋଇଛି। ଆସନ୍ତାକାଲି ରାଜ୍ୟସଭାରେ ଉପସ୍ଥାପନ ହେବ। ରାଜ୍ୟସଭାରେ ଏହା ପାରିତ ହୋଇଗଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ଯିବ। ସେ ମୋହର ମାରିବା କ୍ଷଣି ପେପର ଲିକ ଓ ପରୀକ୍ଷାରେ ହେଉଥିବା ହେରଫେରକୁ ରୋକିବା ପାଇଁ ଆସିଥିବା ବିଲ ଆଇନରେ ପରିଣତ ହୋଇଯିବ। ବିଲ୍ ଦ୍ୱାରା ସ୍ୱଚ୍ଛତା ଓ ନିରପେକ୍ଷତା ସହ ପରୀକ୍ଷା ଦେଉଥିବା ପିଲାଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। କିନ୍ତୁ ଯେଉଁମାନେ ପେପର ଲିକ କରିବେ କିମ୍ବା ଉତ୍ତର ଖାତାରେ ହେରଫେର କରିବେ, ସେମାନଙ୍କୁ ୧୦ ବର୍ଷ ଯାଏ ଜେଲ ସହ ୧ କୋଟି ଟଙ୍କାର ଜୋରିମାନା ଦେବାକୁ ପଡ଼ିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପରୀକ୍ଷା ସହ ଜଡ଼ିତ ସମସ୍ତ ଅପରାଧକୁ ଜାମିନ ବିହୀନ ଓ କେବଳ ଜୋରିମାନାହୀନ କରାଯାଇଛି। ଏହାର ଅର୍ଥ ପୁଲିସ୍ ନିଜ ଇଚ୍ଛା ଅନୁସାରେ ବିନା ୱାରେଣ୍ଟରେ

▶▶ପୃଷ୍ଠା ୭

## ଏକକ ନାଗରିକ ସଂହିତା: ଲିଭ୍-ଇନରେ ରହିବାକୁ ହେଲେ ମାନିବାକୁ ପଡ଼ିବ ନିୟମ



ନୂଆଦିଲ୍ଲୀ, ୬/୨ : ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ଲାଗୁ କରିବାକୁ ଯାଉଛି ୟୁନିଫର୍ମ ସିଭିଲ କୋଡ (ୟୁସିସି) ବା ଏକକ ନାଗରିକ ସଂହିତା। ଆଜି ବିଧାନସଭାରେ ଏହି ବିଲ୍ ଆଗତ ହୋଇଛି। ଏହି ବିଲ୍ ଆଇନରେ ପରିଣତ ହେଲେ ଆଗାମୀ ଦିନରେ ୟୁସିସି ଅଧୀନରେ ସମସ୍ତ ଧର୍ମର ନାଗରିକ ଗୋଟିଏ ନିୟମ ମାନିବେ। ୟୁସିସି ଲାଗୁହେଲେ ଏଣିକି ଲିଭି-ଇନ୍-ରିଲେସନସିପରେ ଥିବା କିମ୍ବା ରହିବାକୁ ଯୋଜନା କରୁଥିବା କପଲଙ୍କୁ ଜିଲ୍ଲା ଅଧିକାରୀଙ୍କ ନିକଟରେ ପଞ୍ଜୀକରଣ କରିବାକୁ ପଡ଼ିବ। ଯଦି ୨୧ ବର୍ଷରୁ କମ୍ ବୟସର ପିଲା ରହିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ବାପା-ମାଆଙ୍କଠାରୁ ଅନୁମତି ଆଣିବାକୁ ପଡ଼ିବ। କେବଳ ଏତିକି ନୁହେଁ, ଉତ୍ତରାଖଣ୍ଡର ନାଗରିକତ୍ୱ ଥାଇ ଯଦି ଅନ୍ୟ ରାଜ୍ୟରେ ଲିଭ୍-ଇନରେ ରହିବାକୁ ଚାହୁଁଛନ୍ତି, ତେବେ ସେମାନେ ମଧ୍ୟ ପଞ୍ଜୀକରଣ କରିବାକୁ ବାଧ୍ୟ।

▶▶ପୃଷ୍ଠା ୭

## ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୧୧ ମୃତ, ଜଳିଗଲେ ୬୦

ମଧ୍ୟପ୍ରଦେଶ, ୬/୨ : ବାଣ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ। ଥରେ କି ଦୁଇ ଥର ନୁହେଁ ରହି ରହି ବାରମ୍ବାର ହେଉଛି ବିସ୍ଫୋରଣ। ଫଳରେ ପୂରା ଫ୍ୟାକ୍ଟ୍ରିରେ ହୁ ହୁ ହୋଇ ଜଳି ଉଠିଛି। ଫ୍ୟାକ୍ଟ୍ରିରେ ବିସ୍ଫୋରଣ ପରେ ନିଆଁ ଲାଗିବା ଯୋଗୁ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୦ ଜଣ ଜଳି ଯାଇଥିବା ସୂଚନା ମିଳିଛି। ମଧ୍ୟପ୍ରଦେଶର ହରଦା ଜିଲ୍ଲାରେ ଘଟିଛି ଏଭଳି କିଛି ଘଟଣା। ସୂଚନା ମୁତାବକ, ନିଆଁ ଲାଗି ଆହତ ହୋଇଥିବା ୬୦ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଠାରେ କାମ କରୁଥିବା ଅନେକ ଲୋକ ଏବେ ବି ଫ୍ୟାକ୍ଟ୍ରି ଭିତରେ ଫଶି ରହିଥିବା କୁହାଯାଉଛି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ଏସ୍‌ଡିଆରଏଫ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ସେହିପରି ଅଗ୍ନିଶମ ବାହିନୀର କର୍ମଚାରୀମାନେ ନିଆଁ ଲିଭାରେ କାମରେ ନିୟୋଜିତ ଅଛନ୍ତି। ଘଟଣାସ୍ଥଳରେ

▶▶ପୃଷ୍ଠା ୭

## ଟି.ପି.ସି.ଓ.ଡି.ଏଲ. ଓ ଆଇ.ଟି.ଆଇ. ମଧ୍ୟରେ ଏମଓୟୁ

ପୁରୀ, ୦୬/୨ (ନି,ପ୍ର): ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପୁରୀ ଏବଂ ଟିପି ସେଣ୍ଟ୍ରାଲ୍ ଓଡିଶା ବିତରଣ ଲିମିଟେଡ୍ ମଧ୍ୟରେ ସଫଳତାର ସହ ଏମଓୟୁ ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଛି। ଟି.ପି.ସି.ଓ.ଡି.ଏଲ ଅପରେସନ୍ ସର୍ଭିସେସ୍ ମୁଖ୍ୟ , ରାଜକୁମାର ରାସ୍ତୋଗୀ, ଓଡିଶା, ଡିସକମ ଏଲ୍ ଆଣ୍ଡ ଡି ମୁଖ୍ୟ ବୁଧିଶ ବେହେରା, ଟି. ପି.ସି.ଓ.ଡି.ଏଲ ଏଚ.ଆର ମିର୍ଜା ସରଫରାଜ ବାଗ ଙ୍କ ଉପସ୍ଥିତିରେ ସରକାରୀ ଆଇଟିଆଇ ପୁରୀ ର ଅଧ୍ୟକ୍ଷ ଇଂ ଅରୋବିନ୍ଦ ଘୋଷ, ଏହି ଏମଓୟୁ ସ୍ୱାକ୍ଷର କଲେ। ଏହାଦ୍ୱାରା ଏହି ଦୁଇ ସମ୍ମାନଜନକ ସଂଗଠନ ପୁରୀ ଜିଲ୍ଲାରେ ଦକ୍ଷତା ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରିଛନ୍ତି। ଏହି ସହଯୋଗ ଏକାଡେମୀ ଏବଂ ଶିଳ୍ପର ଏକ ସଂପୂର୍ଣ୍ଣ ମିଶ୍ରଣ, ଯେଉଁଠାରେ ଦକ୍ଷତା ବିକାଶ ପାଇଁ ଏକ ସମନ୍ୱିତ ପରିବେଶ ସୃଷ୍ଟି କରିବା ପାଇଁ ଉଭୟ ସଂସ୍ଥାର ପାରଦର୍ଶୀତା ଏବଂ ଉତ୍ସଗୁଡିକ ବ୍ୟବହାର କରାଯିବ। ଟି.ପି.ସି.ଓ.ଡ଼ି.ଏଲ ଅନୁଷ୍ଠାନକୁ ଆବଶ୍ୟକ ଶିଳ୍ପ ଏକ୍ସପୋଜର୍ ପ୍ରଦାନ କରିବ। ଏହି ଏମଓୟୁ ର ବ୍ୟାପକ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ଅନୁଷ୍ଠାନ ସମାନ ବ୍ୟବହାର କରିବ। ଏମଓୟୁ ଅଧୀନରେ, ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, ପୁରୀ ଏବଂ ଟିପି କେନ୍ଦ୍ରୀୟ ଓଡିଶା ବିତରଣ ଲିମିଟେଡ୍ ଶକ୍ତି କ୍ଷେତ୍ରର ବିକାଶଶୀଳ ଦକ୍ଷତା ଆବଶ୍ୟକତାକୁ ଚିହ୍ନଟ କରିବା ଏବଂ ପ୍ରଯୁଜ୍ୟ ତାଲିମ କାର୍ଯ୍ୟକ୍ରମ ବିକାଶ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବେ। ଟି.ପି.ସି. ଓ.ଡ଼ି.ଏଲ ଉଲ୍ଲିଖିତ ପରିସର ଅନୁଯାୟୀ ବିଭିନ୍ନ ଇଭେଂଟ ସଂଗଠିତ କରିବ ଏବଂ ଟ୍ରେନିଂ ମାନଙ୍କ ଏକାଡେମିକ୍ ବିକାଶ ପାଇଁ ଅନୁଷ୍ଠାନ ସହିତ ଜଡିତ ହେବ।

## ପୁଣି ହସିବ ଶିଳ୍ପ ନଗରୀ: ୧୭ରେ ଓଟିଏମ୍ ପରିସରରେ ଓ୍ୱେଲ୍ ସ୍ପନ୍‌ର ପଡ଼ିବ ଶୁଭ

କଟକ, ୦୬/୨ (ନି,ପ୍ର): ପୁଣି ହସିବ ଶିଳ୍ପନଗରୀ ଚୌଦ୍ୱାର। ଓଟିଏମ୍ ପୁନରୁଦ୍ଧାର ଯୋଜନାରେ ଓଟିଏମ୍ ଜମିରେ ଖୋଲାଯିବ ଟେକ୍ସଟାଇଲ ଆଣ୍ଡ ଲଜିଷ୍ଟିକ୍ ପାର୍କ। ଏଥିପାଇଁ ଆସନ୍ତା ୧୭ ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଦିନ ୧୧ଟାରେ ଏହାର ଶୁଭ ଦେବେ। ଏହି କାର୍ଯ୍ୟକ୍ରମ ଭର୍ଚୁଆଲ ମାଧ୍ୟମରେ ହେବ ନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ ସ୍ଥାନକୁ ଆସିବେ ତାହା ଅବଶ୍ୟ ଏଯାଏ ଚୂଡ଼ାନ୍ତ ହୋଇନି। ଖୁବ୍‌ଶୀଘ୍ର ଏହା ସ୍ପଷ୍ଟ ହେବ ବୋଲି ଡିଆଇସି ଜିଏମ୍ ତରୁଣକାନ୍ତି ମହାନ୍ତି ସୂଚନା ଦେଇଛନ୍ତି। ସରକାର ଓଟିଏମ୍‌ର ଯେଉଁ ୫୨୨ଏକର ଜମି ନିଜ ଅଧୀନକୁ ନେଇ ସେଠାରେ ପ୍ରଥମ ପର୍ଯ୍ୟାୟରେ ଓ୍ୱେଲ୍ ସ୍ପନ୍ କମ୍ପାନି ଓ ଅନ୍ୟ କିଛି କମ୍ପାନିକୁ ମୋଟ ୪୭୮ଏକର ଜମି ଦେଇଛି ଇଡ୍‌କୋ। ବାକି ପାଖାପାଖି ୫୦ ଏକର ଜମି ଜଳାଶୟ, ରେଳଲାଇନ୍ ଓ ଜାତୀୟ ରାଜପଥ ସଂପ୍ରସାରଣରେ ଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ସାଢେ ୪ହଜାର ଶ୍ରମିକଙ୍କ ପ୍ରାପ୍ୟ ପ୍ରଦାନ କରାଯିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ୪ ହଜାର ଶ୍ରମିକ



ଓଟିଏମ୍ ଶ୍ରମିକ ତାଙ୍କର ପ୍ରାପ୍ୟ ବାବଦକୁ ୯୭ କୋଟି ଟଙ୍କା ପାଇଛନ୍ତି। ବାକି ଯେଉଁ ୫୦୦ ଶ୍ରମିକ ପ୍ରାପ୍ୟ ପାଇନାହାନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କ ଠିକଣା ମିଳୁନି। ଇଡକୋ ଡିମାରକେସନ୍ ଓ୍ୱାଲ ନିର୍ମାଣ ଆରମ୍ଭ କରିଛି। ଟେକ୍ସଟାଇଲ୍ ଆଣ୍ଡ ଲଜିଷ୍ଟିକ୍ ପାର୍କ ପାଇଁ ୩ ହଜାର ୫୦ କୋଟି ଟଙ୍କା ବିନିଯୋଗ ସହ ୨୦ ହଜାର ନିଯୁକ୍ତି ସୃଷ୍ଟି ଯୋଜନା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୦୫ ଅଗଷ୍ଟ ୩୦ରେ ହାଇକୋର୍ଟଙ୍କ ରାୟ ଅନୁସାରେ ଲିକ୍ୟୁଡେଟରଙ୍କ ଜରିଆରେ ଓଟିଏମ ପ୍ଲାଣ୍ଟ ଓ ତତସଂଲଗ୍ନ ପ୍ଲାଣ୍ଟ ସହ ରହିଥିବା ପାଖାପାଖି ୮୨ଏକର ଜମିକୁ ଗୁଜୁରାଟର ଆଇବି ଏଣ୍ଟରପ୍ରାଇଜର୍ସକୁ ୨୩ କୋଟି ଟଙ୍କାରେ ବିକ୍ରି ହୋଇଥିଲା। ୨୦୦୬ରେ ପ୍ରଥମଥର ପାଇଁ ସରକାର କୋର୍ଟରେ ହାଜର ହୋଇଥିଲେ। ୨୦୦୬, ସେପ୍ଟେମ୍ବର ୧୯ରେ ଓଟିଏମକୁ ଚଳାଇବେ ବୋଲି ସରକାର କହିଥିଲେ। ଯାହା ଫଳରେ ସବୁ ଟେଣ୍ଡର ବାତିଲ କରି ସାନି ଟେଣ୍ଡର କରାଗଲା। ସେଥିରେ ସର୍ତ୍ତ ରହିଲା ଯେ ସମଗ୍ର ଓଟିଏମ ଜମିକୁ ଜଣେ ନେବ ଓ କାରଖାନା ବଦଳରେ କାରଖାନା କରିବ। ୨୦୧୫ ଫେବ୍ରୁଆରି ୧୦ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଉଚ୍ଚସ୍ତରୀୟ କମିଟି ବୈଠକ ବସି ଓଟିଏମ ବଦଳରେ ଇଣ୍ଟିଗ୍ରେଟେଡ ଇଣ୍ଡଷ୍ଟ୍ରିଆଲ ପାର୍କ ହେବ ବୋଲି କହିଥିଲେ। ଯେଉଁଠି ବୟନ ଶିଳ୍ପକୁ ଅଗ୍ରାଧିକାର ଦିଆଯିବ। ଅଗଷ୍ଟ ୨, ୨୦୨୨ରେ ହାଇକୋର୍ଟ ଚୂଡାନ୍ତ ରାୟ ଦେଇଥିଲେ। ନିଷ୍ପତ୍ତି ଅନୁଯାୟୀ ସରକାର ଦେଢ଼ ଶହ କୋଟି ଟଙ୍କା କୋର୍ଟରେ ଦାଖଲ କଲେ। ତା ପୂର୍ବରୁ ୨୦୦୬ରେ ସରକାର ପର୍ଯ୍ୟାୟକ୍ରମେ ୩୫ କୋଟି ଟଙ୍କା ଦାଖଲ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ୧୯୪୬ରେ ଓଟିଏମର ପରିକଳ୍ପନା ଓ ଶୁଭ ଦିଆଯାଇଥିଲା। ୧୯୫୦ରେ ଏଠାରେ ଲୁଗା ଉତ୍ପାଦନ ଆରମ୍ଭ ହୋଇଥିଲା। ପ୍ରଥମେ ୯ହଜାର ଲୋକ ସେଥିରେ କାମ କରୁଥିଲେ। ତୁଳା ଆସୁଥିଲା ରାୟଗଡା ଓ ଭବାନୀପାଟଣାରୁ। ଓଡିଶାର ତୁଳା ଯୋଗାଣ ଆବଶ୍ୟକତା ଅନୁସାରେ ନହେବାରୁ ବାହାର ରାଜ୍ୟରୁ ବି ତୁଳା ଅଣାଯାଉଥିଲା। ୧୯୮୦ରେ ଏସିଆର ସର୍ବବୃହତ୍ତ କାମ୍ପୋଜିଟ୍ ମିଲ (ତୁଳାରୁ ସୂତା ଓ ସୂତାରୁ କପଡା) ମାନ୍ୟତା ପାଇଥିଲା ଓଟିଏମ। ପିପିଲିର ଚାନ୍ଦୁଆ ପାଇଁ ଓଟିଏମ୍‌ରୁ ଯାଉଥିଲା କପଡା। ଦୈନିକ ଏକ ଲକ୍ଷ ମିଟର ଏହାର ଉତପାଦନ କ୍ଷମତା ରହିଥିଲା ଓ ରାଜ୍ୟରେ କପଡା ବିକ୍ରି ପାଇଁ ଶହେରୁ ଉର୍ଦ୍ଧ୍ୱ ସୋରୁମ୍ ରହିଥିଲା। ଏହାର ମୁଖ୍ୟ ବଜାର ଥିଲା କଲିକତା ଓ ଦିଲ୍ଲୀ। ଏପରିକି ଋଷିଆ, ଚାଇନା, ଇଣ୍ଡୋନେସିଆକୁ ବି ଓଟିଏମ୍ କପଡା ଯାଉଥିଲା। ଦେଶ ବାହାରକୁ ୬୦ ପ୍ରତିଶତ କପଡା ଯାଉଥିଲା ବିକ୍ରି ପାଇଁ। କିନ୍ତୁ ପରବର୍ତ୍ତୀ ସମୟରେ ପରିଚାଳନାଗତ ତ୍ରୁଟି ଓ କ୍ଷତି ଦର୍ଶାଇ ଜୁଲାଇ ୨୦୦୧ରେ ଓଟିଏମକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଗଲା।

## ପଡିଆ ବ୍ଲକ କାଲଦାପାଲ୍ଲୀ ଗ୍ରାମପଂଚାୟତର ବିଜେପି ଓ କଂଗ୍ରେସର ସକ୍ରିୟ କର୍ମୀ ବିଜୁ ଜନତା ଦଳରେ ସାମିଲ୍

ମାଲକାନଗିରି, ୦୬/୨ (ନି,ପ୍ର): ଲୋକଙ୍କ ସହ ସମ୍ପର୍କ ହେଉଛି ଆହୁରି ମଜଭୁତ। ପ୍ରତି ଘରେ ପହଂଚୁଛି ବିକାଶର ବାର୍ତ୍ତା। ବିଜେଡି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଦୃଢ଼ ନେତୃତ୍ୱରେ ସେବା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲକ୍ଷ୍ୟରେ ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ସଭାପତି ମାନସ ମାଡକାମିଙ୍କ ବଳିଷ୍ଠ ନେତୃତ୍ୱରେ ଆରମ୍ଭ ହୋଇଛି ଘରେ ଘରେ ଶଙ୍ଖ ''ପରିବାର ସମ୍ପର୍କ ଯାତ୍ରା'' । ଆଜି ମାଲକାନଗିରି ନିର୍ବାଚନ ମଣ୍ଡଳୀର ପଡିଆ ବ୍ଲକ ଅନ୍ତର୍ଗତ କାଲଦାପାଲ୍ଲୀ ଗ୍ରାମପଂଚାୟତରେ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ କାଲଦାପାଲ୍ଲୀ ଗ୍ରାମପଂଚାୟତର ବିରୋଧୀ ବିଜେପି ଦଳର ପୂର୍ବତନ ୱାର୍ଡ ସଭ୍ୟ ବୁଦୁରାମ କର୍ସ୍ତ ଏବଂ ବିରୋଧୀ କଂଗ୍ରେସ ଦଳର ସକ୍ରିୟ କାର୍ଯ୍ୟକର୍ତା ରାଜେଶ ସରକାର ପ୍ରମୁଖ ବିଧିବଦ୍ଧ ଭାବେ ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମିଙ୍କ ନେତୃତ୍ୱରେ ମାଲକାନଗିରି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଏହା ଦଳୀୟ ସଂଗଠନକୁ ମଜଭୁତ କରିବ ।

ଆଜିର କାର୍ଯ୍ୟକ୍ରମରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହାନ୍ତ, ଜିଲ୍ଲା ଯୁବ ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ପଡିଆ ବ୍ଲକ ସଭାପତି ଏମ୍ ଡି ଫାରୁଖ, ମହିଳା ସଭନେତ୍ରୀ ଦେବେ ମାଡ଼ି, ପଡିଆ ବ୍ଲକ ଉପାଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ସରପଂଚ ସରିତା କୁଞ୍ଜାମୀ, ସୁବାଷ ଭୌମିକ, ମେସାକ ମାଦ୍ରୀ, ସରପଂଚ ଗଙ୍ଗା କରାମ, ସଭାପତି ଭୀମ୍ ସେନ ବାଂଜାମି ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମବରଦାରେ ମାଗଣା ମୋତିଆ ବିନ୍ଦୁ ଚିହ୍ନଟ ଶିବିର

ଧର୍ମଶାଳା, ୦୬/୨ (ନି,ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତ ଅଧିନସ୍ଥ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଏକ ମାଗଣା ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ କର୍ମଚାରୀ ସଂଘ, ବିପଦର ବନ୍ଧୁ ପରିବାର ଓ ଦାନଗଦିସ୍ଥ ଶୁଶ୍ରୁଷା ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମୋତିଆ ବିନ୍ଦୁ ଚିହ୍ନଟ ଶିବିରର ଆୟୋଜନ କରାଯାଇଥିଲା । ବରିଷ୍ଠ ମୁରବୀ ତଥା ସମାଜସେବୀ ବିପିନ ବିହାରୀ ଦେଓ କାର୍ଯ୍ୟକ୍ରମରେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଶୁଶ୍ରୁଷା ଚିକିତ୍ସାଳୟର ବରିଷ୍ଠ ଡାକ୍ତରମାନେ ଯୋଗଦେଇ ସ୍ଥାନୀୟ ଅଂଚଳର ୫୦ରୁ ଉର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା ସହ ଡାଇବେଟିସ୍ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ ହୋଇଥିବା ଜଣାପଡିଛି । ସେମାନଙ୍କୁ ମାଗଣାରେ ଏହି ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯାଇ ଘରକୁ ଛାଡି ଦିଆଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚିକିତ୍ସାଳୟର ପରିଚାଳକ ଜ୍ଞାନୀନ୍ଦ୍ର ଖୁଂଟିଆ, ବିପଦର ବନ୍ଧୁ ପରିବାର ପ୍ରତିଷ୍ଠାତା ନିହାର ଆଚାର୍ଯ୍ୟ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ସେକ୍ ଅକ୍ତର ହୋସେନ, ଉପସଭାପତି ନାରାୟଣ ଦାସ, ସମ୍ପାଦକ ତଥା କବି ବିଶ୍ୱନାଥ ପଣ୍ଡା, ଉପଦେଷ୍ଟା ନିମାଇଁ ଚରଣ ଦାସ, ସହ-ସମ୍ପାଦକ ବିଷ୍ଣୁ ଚରଣ ସାହୁ, ୟୁନୁସ୍ ଖାଁନ, ତଜମୁଲ ହୋସେନ, ହୃଷିକେଷ ପାଣିଗ୍ରାହୀ ଓ ନୃସିଂହ ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦାଦନର କରୁଣ ଚିତ୍ର: ମନରେଗା ବିଫଳ, ବାହାରେ ଶହେରୁ ବେଶି

ତେନ୍ତୁଳିଖୁଣ୍ଟି, ୦୬/୨ (ନି,ପ୍ର): ଗାଁ ନିକଟରେ ମିଳୁନି ପର୍ଯ୍ୟାପ୍ତ କାମ। ମନରେଗାରେ କାମ କଲେ ମାସମାସ ଧରି ମଜୁରି ମିଳୁନି। କାମଧନ୍ଦା ଅଭାବରୁ ପରିବାର ପ୍ରତିପୋଷଣରେ ଅସୁବିଧା ପରେ ଦାଦନ ଖଟିବାକୁ ଗାଁ ଛାଡ଼ିଛନ୍ତି ଶତାଧିକ ଶ୍ରମିକ। ଫଳରେ ଗାଁର ୮୦ଘର ମଧ୍ୟରୁ ୩୦ ଘରେ ଏବେ ତାଲା ଝୁଲୁଛି। ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରୀଗୁଡ଼ା ପଞ୍ଚାୟତ ଦାନିଗୁଡ଼ା ଗ୍ରାମରେ ଦାଦନ ଯନ୍ତ୍ରଣାର ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଦାନିଗୁଡ଼ା ଗ୍ରାମର ଜନସଂଖ୍ୟା ପ୍ରାୟ ୩୫୦। କିଛି ପରିବାର ଚାଷ ଓ ଅଧିକାଂଶ କୁଲି ମଜୁରି କରି ପରିବାର ପ୍ରତିପୋଷଣ କରନ୍ତି। ଦାଦନ ରୋକିବାକୁ ମନରେଗା ଯୋଜନାରେ ବ୍ଲକ୍ ପ୍ରଶାସନ ପକ୍ଷରୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। କିନ୍ତୁ ମଜୁରି ମିଳିବାରେ ସମସ୍ୟା ଯୋଗୁ କାମ କରିବାକୁ ଶ୍ରମିକ ଅମଙ୍ଗ ହେଉଛନ୍ତି। ପ୍ରାୟ ୨୦ବର୍ଷ ହେଲା ଗାଁର ଶ୍ରମିକମାନେ ଦାଦନ ମୁହାଁ ହୋଇଛନ୍ତି। ବର୍ଷା ଋତୁ ପୂର୍ବରୁ ଗାଁକୁ ଫେରି ଚାଷ କାର୍ଯ୍ୟ ସାରି ପୁଣି ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି। ଦାନିଗୁଡ଼ା ଇନ୍ଦିରା କଲୋନିରେ ରହୁଥିବା ଶ୍ରମିକ ଦାଦନ ମୁହାଁ ହୋଇଥିବା ବେଳେ କେବଳ ବୟସ୍କ ଓ ପାଠ ପଢୁଥିବା



ଛାତ୍ରଛାତ୍ରୀ ଘରେ ଅଛନ୍ତି। ଶ୍ରମିକମାନେ କୋରାପୁଟ ଜିଲ୍ଲାର ସୁନାବେଡ଼ା ଓ ମାଲକାନଗିରି ଜିଲ୍ଲାରେ କାମ କରୁଛନ୍ତି। ବିଶେଷ କରି ଇଟାଭାଟିରେ କାମ କରି ମାସିକ ୧୫ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ସରକାର ମନରେଗା ଯୋଜନାରେ ଲାଗି ରହିଥିବା ମଜୁରି ସମସ୍ୟା ଦୂର କରିଥିଲେ ଭିଟାମାଟି ଛାଡ଼ି ବାହାର ଜିଲ୍ଲାକୁ କାମ ପାଇଁ ଯିବାକୁ ପଡ଼ିନଥାନ୍ତା ବୋଲି ଶ୍ରମିକଙ୍କ ପରିବାର ଲୋକେ କହିଛନ୍ତି। ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରୁ ଅଧିକାଂଶ ଲୋକ କାମଧନ୍ଦା ଅନ୍ୱେଷଣରେ ବାହାର ଜିଲ୍ଲା ଓ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ସମ୍ପର୍କରେ ଶ୍ରମ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ନିକଟରେ କୌଣସି ସୂଚନା ରହୁନି। ଯେଉଁଥି ପାଇଁ କାର୍ଯ୍ୟସ୍ଥଳୀରେ ବହୁ ଶ୍ରମିକ ଶାରୀରିକ, ମାନସିକ ନିର୍ଯାତନା ସହ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଅଭିଯୋଗ ପରେ କିଛି କ୍ଷେତ୍ରରେ ପ୍ରଶାସନ ପଦକ୍ଷେପ ନେଉଥିବା ବେଳେ ଅନେକ ଶ୍ରମିକ ପ୍ରାପ୍ୟ ନ ପାଇ ଘରକୁ ଫେରି ଆସୁଛନ୍ତି। ସରକାର ଜିଲ୍ଲାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କଲେ ଦାଦନ ଦୁଃଖ ଦୂର ହୋଇପାରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି।

କଳମ୍ବ: ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳ ଯୁବବର୍ଗଙ୍କୁ ଦାଦନ ଯାତନାର ଯେମିତି ଅନ୍ତ ନାହିଁ। ପ୍ରତି ଦୁଇ ଚାରିଦିନ ବ୍ୟବଧାନରେ ବାହାର ରାଜ୍ୟ ଓ ବିଦେଶରେ ଦାଦନ ଖଟୁଥିବା କେହି ନା କେହି ପ୍ରାଣ ହରାଉଛନ୍ତି। ଗତବର୍ଷ ୩୯ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲସରା ବ୍ଲକ୍ କଳମ୍ବ ଗ୍ରାମ ଦୁର୍ଗାମାଧବ ସାହିର ଶ୍ରୀକାନ୍ତ ସାହୁଙ୍କ ଗତକାଲି ଆନ୍ଧ୍ରପ୍ରଦେଶରେ ଅକାଳ ମୃତ୍ୟୁ ହୋଇଥିବା ବେଳେ ଚଳିତବର୍ଷ ଜାନୁଆରି ପହିଲାରୁ ଆଜିସୁଦ୍ଧା ମାସକ ଭିତରେ ୮ ଜଣଙ୍କ ଜୀବନଦୀପ ଲିଭିଗଲାଣି। ଶ୍ରୀହରି ସାହୁ ଓ ନୀଳେନ୍ଦ୍ରୀ ସାହୁଙ୍କ ପୁଅ ଶ୍ରୀକାନ୍ତ (୩୨) ୩ ବର୍ଷ ହେଲା ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରେ ରହି ଏକ ଘରୋଇ କମ୍ପାନିରେ କାମ କରୁଥିଲେ। ତାଙ୍କ ସହ ବାପାମାଆ ବି ସେଠାରେ ରହି ଦାଦନ ଖଟୁଥିଲେ। ଚାରିଦିନ ତଳେ ଶ୍ରୀକାନ୍ତ ଅସୁସ୍ଥ ହୋଇପଡ଼ିଥିଲେ। ଗତକାଲି ଟ୍ରେନ୍ ଯୋଗେ ବାପାମାଆଙ୍କୁ ସାଙ୍ଗରେ ନେଇ ଗାଁକୁ ଫେରୁଥିଲେ। ବିଜୟୱାଡ଼ା ରେଳଷ୍ଟେସନ୍‌ରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସଂଗେସଂଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏତିକିରେ ବି ଯନ୍ତ୍ରଣା ସରି ନଥିଲା। ବାପା ଶ୍ରୀହରି ୩୨ହଜାର ଟଙ୍କା ଧାରକରଜ କରି ପୁଅର ଶବକୁ ଏକ ଘରୋଇ ଆମ୍ବୁଲାନ୍‌ସରେ ଆଣିଥିଲେ। ମଧ୍ୟାହ୍ନ ୧୨ଟାରେ ଶ୍ରୀକାନ୍ତଙ୍କ ଶବ ଗ୍ରାମକୁ ଅଣାଯିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସତ୍କାର ହୋଇଛି। ମୃତ ଶ୍ରୀକାନ୍ତଙ୍କ ପତ୍ନୀ ଓ ଦୁଇଝିଅ (୩ ବର୍ଷ, ୧ ବର୍ଷ) ଅଛନ୍ତି। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ପାଲଟିଛି। ସରକାରୀ ସହାୟତା ଦାବି ହୋଇଛି।

## ରଙ୍ଗୀନ କୋବି ଚାଷ କରି ଲାଭବାନ ହେଉଛନ୍ତି ଚାଷୀ

ମାଲକାନଗିରି, ୦୬/୨ (ନି,ପ୍ର): ପାହାଡିଆ ଜମିରେ ଫଳିଛି ରଙ୍ଗିନ୍ କୋବି । ବଜାରରେ ଏହି କୋବିର ଚାହିଦା ରହିଥିବା ବେଳେ ଚାଷୀମାନେ ମଧ୍ୟ ଏହି ଚାଷ କରି ଭଲ ରୋଜଗାର କରିବାର ଆଶା ରଖିଛନ୍ତି । ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଡଡୁରାଲ ଓ ମାଡକାପଦର ଘାଟି ଅଂଚଳରେ ଏହି ଚାଷ କରିଛନ୍ତି ଚାଷୀ । ଜୈବିକ ପ୍ରଣାଳୀରେ ଏହି ଚାଷ ହୋଇଥିବାରୁ ଏହାକୁ କିଣିବା ପାଇଁ ଲୋକଙ୍କ ଚାହିଦା ମଧ୍ୟ ବଢୁଛି । ପାହାଡ ଉପରେ ଫଳିଛି ରଙ୍ଗିନ ଫୁଲକୋବି । ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଡଡୁରାଲ ଓ ମାଡକାପଦର ଘାଟି ଅଂଚଳରେ ପାଖାପାଖି ୩ ଏକର ଜମିରେ ଏହି କୋବି ଚାଷ କରିଛନ୍ତି ଚାଷୀ । ବଜାରରେ ମଧ୍ୟ ଏହି କୋବିର ଚାହିଦା ଅଧିକ ରହିଛି । ବଡଡୁରାଲ ପଂଚାୟତର ସର୍ଗିଗୁଡା, ମାଳିଗୁଡା ଓ ମାଡକାପଦର ପଂଚାୟତର ଗୁମ୍ପାଝରଣ ଗାଁରେ ଏବେ ଦେଖିବାକୁ ମିଳିଛି ରଙ୍ଗିନ ଫୁଲକୋବିର ପସରା । ଏହି କୋବି ଚାଷ କରିବାକୁ ଖଇରପୁଟ କୃଷି ବିଭାଗର ଅଧିକାରୀ ସଚେତନ କରାଇବା ପରେ ଚାଷୀ ମାନେ ଏହି ଚାଷ କରୁଛନ୍ତି । ଗତବର୍ଷ ୨ଟି ଭେରାଇଟିର ବିହନ ନେଇ ଆରମ୍ଭ ହୋଇଥିଲା ଚାଷ । ପାହାଡ଼ିଆ ମାଟିରେ ଏହି ଚାଷ ଭଲ ହେଉଥିବାରୁ କିଛି ରୋଜଗାର କରିବା ନେଇ ଚାଷୀ ମାନେ ଆଶା ରଖିଛନ୍ତି । ଗତ ବର୍ଷ ଫୁଲକୋବିକୁ ରଙ୍ଗ ଦିଆଯାଉଥିବା ଭାବି ଅନେକ ଗ୍ରାହକ ନେବାକୁ ଆଗ୍ରହ କରୁ ନଥିଲେ । ଏହା ସମ୍ପୂର୍ଣ୍ଣ ହାଇଜେନିକ ଓ ଦେଶୀ ପ୍ରଣାଳୀରେ ଚାଷ ହେଉଥିବା ଜାଣିବା ପରେ ଏବେ ଗ୍ରାହକମାନେ ଏହି ରଙ୍ଗିନ ଫୁଲକୋବି ନେବାକୁ ଆଗ୍ରହ ବଢିଛି । ଧଳା ଫୁଲ କୋବି ଅପେକ୍ଷା ହଳଦିଆ ଓ ବାଇଗଣି ରଙ୍ଗର କୋବି ଚାଷ କରିବାକୁ ଗ୍ରାହକ ମାନେ ଆଗ୍ରହ ପ୍ରକାଶ କରୁଛନ୍ତି । ଏହାକୁ କିଲୋପ୍ରତି ୩୦ ରୁ ୪୦ ଟଙ୍କାରେ ବିକ୍ରି କରି ଭଲ ରୋଜଗାର କରୁଛନ୍ତି ଚାଷୀ । ଚାଷୀଙ୍କୁ କୃଷି ବିଭାଗର ଆତ୍ମା ଯୋଜନାରେ ସମସ୍ତ ସୁବିଧା ଯୋଗାଇ ଦେଇଛି ଖଇରପୁଟ ବ୍ଲକ କୃଷି ବିଭାଗ । ପ୍ରଥମେ ପ୍ରଥମେ ବଜାରରେ ଏହି ରଙ୍ଗିନ କୋବିର ଚାହିଦା ନଥିଲା । ଏବେ କିନ୍ତୁ ଏହି ଫୁଲକୋବିର ଚାହିଦା ବଢିଛି । ଘାଟିରୁ ଆଣି ଜିଲ୍ଲାର ମାଥିଲି, ଖଇରପୁଟ, ଗୋବିନ୍ଦପାଲି, ମୁଣ୍ଡିଗୁଡା ଓ ଆମ୍ବିଲିପୁଟରେ ବସୁଥିବା ସାପ୍ତାହିକ ହାଟରେ ବିକ୍ରି କରି ଚାଷୀମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି ।

## ଦଶନ୍ଧିରେ ରାଜ୍ୟରେ କର୍କଟ ମାମଲା ୨୨% ବଢ଼ିଛି: ଦେଶର ୧୨ଟି ରାଜ୍ୟ ଭିତରେ ଓଡ଼ିଶା

ଭୁବନେଶ୍ୱର, ୦୬/୨ (ନି,ପ୍ର): ଦେଶ ତଥା ରାଜ୍ୟରେ କର୍କଟ ରୋଗ ମାମଲା ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି। ରାଜ୍ୟରେ ମୁଖ୍ୟ ଗହ୍ୱର, ପାକସ୍ଥଳୀ କର୍କଟ ବାଦ୍ ସ୍ତନ ଓ ଜରାୟୁ କର୍କଟ ବଢ଼ିବାରେ ଲାଗିଛି। ଦେଶର ଯେଉଁ ୧୨ଟି ରାଜ୍ୟରେ କର୍କଟ ରୋଗ ଚିନ୍ତାଜନକ ସ୍ଥିତିରେ ରହିଛି ତହିଁରେ ଓଡ଼ିଶା ସ୍ଥାନ ପାଇଛି। ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କର୍କଟ ରୋଗ ସଂପର୍କିତ ଏକ ତଥ୍ୟରୁ ଜଣାପଡ଼ିଛି। ୨୦୧୩ ମସିହାରେ ରାଜ୍ୟରେ ୪୩,୨୧୦ କର୍କଟ ମାମଲା ନଜରକୁ ଆସିଥିବା ବେଳେ ୨୦୨୨ ବେଳକୁ ଏହା ୫୨,୯୬୦କୁ ବୃଦ୍ଧି ପାଇଛି। ଏହି ସମୟରେ କର୍କଟ ରୋଗଜନିତ ମୃତ୍ୟୁ ସଂଖ୍ୟା, ୨୩,୮୮୬ରୁ ବୃଦ୍ଧି ପାଇ ୨୯,୨୮୭ରେ ପହଞ୍ଚିଛି। ଗତ ଦଶନ୍ଧି ଭିତରେ ରାଜ୍ୟରେ କର୍କଟ ମାମଲା ୨୨.୫% ବଢ଼ିଥିବା ବେଳେ ମୃତ୍ୟୁ ୨୨.୬% ରହିଛି। ଆଇସିଏମ୍ଆର ପକ୍ଷରୁ ଚାଲୁଥିବା ଜାତୀୟ କ୍ୟାନସର ରେଜିଷ୍ଟ୍ରି କାର୍ଯ୍ୟକ୍ରମ ଅନୁସାରେ ୨୦୨୫ ମସିହା ବେଳକୁ ରୋଗୀଙ୍କ ସଂଖ୍ୟା ୫୫ହଜାରକୁ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ପୁରୁଷଙ୍କ କ୍ଷେତ୍ରରେ ସାଧାରଣ ଭାବେ ମୁଖ ଗହ୍ୱର କର୍କଟ ଦେଖିବାକୁ ମିଳିଥାଏ। ରାଜ୍ୟରେ ଏହା ୧୪% ଥିବା ବେଳେ ଗ୍ୟାଷ୍ଟ୍ରିକ୍ କର୍କଟ ୧୩% ଓ ଫୁସ୍‌ଫୁସ୍ କର୍କଟ ୧୦% ରହିଛି। ସେହିପରି ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ୨୬%, ଜରାୟୁ କର୍କଟ ୨୧%, ଓଭାରି ବା ଗର୍ଭାଶୟ କର୍କଟ ୧୧%, ଗ୍ୟାଷ୍ଟ୍ରିକ୍ ୫% ଓ ଗଲ୍‌ବ୍ଲାଡର ୪% ଦେଖିବାକୁ ମିଳିଛି। ମୁଖ ଗହ୍ୱର କର୍କଟ ଭିତରେ ବୁକାଲ୍ ମ୍ୟୁକୋସା ୪୫% ଓ ଜିଭ ୩୮% ନଜରକୁ ଆସିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କର୍କଟ ଆକ୍ରାନ୍ତଙ୍କ ମଧ୍ୟରେ ୮% ହେଉଛନ୍ତି ୨୦ବର୍ଷରୁ କମ୍ ବୟସର। ଏହି ବର୍ଗ ଭିତରେ ଲିମ୍ଫୋବ୍ଲାଷ୍ଟିକ ଲ୍ୟୁକେମିଆ, ନନ୍




ହଜକିନ୍‌ସ ଲିମ୍ଫୋମା, ହଜକିନ୍‌ସ ଲିମ୍ଫୋମା ଓ ବ୍ରେନ୍ ଟ୍ୟୁମର ସାଧାରଣ ବୋଲି କୁହାଯାଇଛି। ବିଶେଷଜ୍ଞଙ୍କ ମତରେ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଓ ଖାଦ୍ୟରେ ଭିନ୍ନତା ପାଇଁ କର୍କଟ ରୋଗ ବଢ଼ିବାରେ ଲାଗିଛି। ଏବେ ଗ୍ରାମାଞ୍ଚଳରେ ମଧ୍ୟ କର୍କଟ ରୋଗ ବଢୁଥିବା ଦେଖିବାକୁ ମିଳିଲାଣି। ଯାହାକି ଦୁଇ ଦଶନ୍ଧି ତଳେ ଯଥେଷ୍ଟ କମ୍ ରହିଥିଲା। ମାତ୍ର ଏବେ ଚିକିତ୍ସା ବିଜ୍ଞାନରେ ଯଥେଷ୍ଟ ଉନ୍ନତି ଓ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥାରେ ଉପଲବ୍ଧ ହେବା କାରଣରୁ କର୍କଟ ରୋଗରେ ମୃତ୍ୟୁ ସଂଖ୍ୟା କମୁଛି। ରାଜ୍ୟରେ କର୍କଟ ରୋଗର ଆଗୁଆ ଚିହ୍ନଟ ପାଇଁ କ୍ୟାନସର ସ୍କ୍ରିନିଂ କାର୍ଯ୍ୟକ୍ରମ ଜାରି ରହିଛି। ତେବେ ଓଡ଼ିଶାର ମହିଳାଙ୍କଠାରେ ଜରାୟୁ କର୍କଟ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି। ରାଜ୍ୟର ସହରାଞ୍ଚଳ ବସ୍ତିରେ ରହୁଥିବା ମହିଳାଙ୍କଠାରେ କର୍କଟ ରୋଗ ସୃଷ୍ଟିକାରୀ ହ୍ୟୁମାନ ପାପିଲୋମାଭାଇରାସ୍ (ଏଚ୍‌ପିଭି) ରହିଛି କି ନାହିଁ ତାହା ଜାଣିବା ଲାଗି ରାଜ୍ୟ ସରକାର ଦୁଇବର୍ଷ ତଳେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଥିଲେ। ଭୁବନେଶ୍ୱର ଓ କଟକରେ ଏଥିପାଇଁ ଏଚ୍‌ପିଭି ନମୁନା ସଂଗ୍ରହ ହୋଇଥିଲା। କଟକରେ ପ୍ରାୟ ୧୨ ପ୍ରତିଶତ ନମୁନା ଏଚ୍‌ପିଭି ପଜିଟିଭ୍ ଥିବା ଜଣାପଡ଼ିଥିଲା। ମାତ୍ର ଭୁବନେଶ୍ୱରରେ ଏହା ସଫଳ ହୋଇପାରିଲା ନାହିଁ। ଫଳରେ ରାଜ୍ୟର ଅନ୍ୟ ସହରାଞ୍ଚଳକୁ ଏହି ସର୍ବେକ୍ଷଣକୁ ସଂପ୍ରସାରଣ କରିବା ବିଫଳ ହୋଇଛି। ସେହିପରି ରାଜ୍ୟ ସରକାର ୨୦୨୨ ମସିହା ଅକ୍ଟୋବର ମାସରେ ଖୋର୍ଦ୍ଧା ଜିଲ୍ଲାରେ ଜନସଂଖ୍ୟା ବିଶିଷ୍ଟ ଏକ କ୍ୟାନସର ରେଜିଷ୍ଟ୍ରି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହାର ସ୍ଥିତି ସଂପର୍କରେ କିଛି ସ୍ପଷ୍ଟ ସୂଚନା ନାହିଁ। ଏହାସହ ରାଜ୍ୟରେ କର୍କଟକୁ ଏକ ରିପୋର୍ଟଯୁକ୍ତ ରୋଗ ଭାବେ ଘୋଷଣା କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁସାରେ, ଏବେ ଜିଲ୍ଲାସ୍ତରରେ କେମୋଥେରାପି ଆରମ୍ଭ ହୋଇଛି।

## କଳାହାଣ୍ଡି ଜିଲ୍ଲା ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଆୟୋଜିତ

ଭବାନୀପାଟଣା, ୦୬/୨ (ନି,ପ୍ର): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଅବସରରେ ସମଗ୍ର ଶିକ୍ଷା, କଳାହାଣ୍ଡି ପକ୍ଷରୁ ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ସ୍ଥାନୀୟ ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର, ଭବାନୀପାଟଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟକୁମାର ମାଝୀ, ସମଗ୍ର ଶିକ୍ଷା ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ମଂଚାସୀନ ଥିଲେ। ଏହି ଅବସରରେ ପୁସ୍ତକ ପ୍ରଦର୍ଶନୀ ସମେତ ଜିଲ୍ଲାର ୧୩ଗୋଟି ବ୍ଲକର ସାହିତ୍ୟ ଓ ସଂସ୍କୃତି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏଥିରେ ସାହିତ୍ୟ ଓ ସଂସ୍କୃତି ପ୍ରଦର୍ଶନ କଳାରେ କୋକସରା ବ୍ଲକର ରିତେଶ ସାହୁ ଓ ବିନୋଦ ଫୁଲ ପ୍ରଥମ, ମଦନପୁର ରାମପୁର ବ୍ଲକର ବିଦୁସ୍ମିତା ସାହୁ ଦ୍ୱିତୀୟ, ଜୁନାଗଡ଼ ବ୍ଲକର ହସିନା ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୁଇଜ ବରିଷ୍ଠ ବିଭାଗରେ କପିଳେଶ୍ୱର ବଗର୍ତୀ, ଭାରତୀ ବେହେରା ଓ ସ୍ୱାତି ମହାକୁଡ଼, କନିଷ୍ଠ ବିଭାଗରେ ଏକାନ୍ତିକା ସା, ଯଶରାଜ ସମୀର ନାଏକ ଓ ବିଭୁଦତ ସାହୁ, ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ବିଦୁସ୍ମିତା ସାହୁ, ପିଂଟୁ ସୁନା ଓ ଆଦିତ୍ୟ ସୁନା, କନିଷ୍ଠ ବିଭାଗରେ ବାଲି ମାଝୀ, ପୂଜା ସାହୁ ଓ ଯସ୍ମୀନ ବାଗ, ବିତର୍କ ବରିଷ୍ଠ ବିଭାଗରେ ସ୍ୱାତି ମହାକୁଡ଼, କ୍ରିଷ୍ଣା ଛୁରିଆ ଓ ବାସନ୍ତୀ ଗଉଡ଼, କନିଷ୍ଠ ବିଭାଗରେ ପ୍ରଦୀପ ହରିଜନ, ଉପାସନା ସାହୁ ଓ ରୁପା ରଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଉଦଯାପନୀ ସମାରୋହରେ ଥୁଆମୂଳ ରାମପୁର ମା'' ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ଓ ଭବାନୀପାଟଣା ମହିଳା ମହାବିଦ୍ୟାଳୟର ସହକାରୀ ପ୍ରାଧାପିକା ଡ. ସୁରେଶ୍ୱରୀ ବାଘ ଆଲୋଚକ ଭାବେ ଯୋଗଦେଇ ଓଡ଼ିଆ ଭାଷାର ଅତୀତ, ବର୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଷଷ୍ଠୀ ଝାଙ୍କର ଓ ସମଗ୍ର ଶିକ୍ଷା ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ମଂଚାସୀନ ଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବାପୁଜୀ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ମିନତି କୁମାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଡିଲେଶ୍ୱର ରଣା ମଂଚ ପରିଚାଳନା କରିଥିଲେ।

# କାହିଁକି ହୁଏ କର୍କଟ ? ଜାଣନ୍ତୁ ରୋଗର କାରଣ, ଲକ୍ଷଣ ଓ ନିରାକରଣ

ଆମ ପରିବର୍ତ୍ତିତ ଜୀବନଶୈଳୀ ଅନେକ ଗମ୍ଭୀର ରୋଗର ମୁଖ୍ୟ କାରଣ ପାଲଟିଛି । ସେଥିମଧ୍ୟରୁ କର୍କଟ ଅନ୍ୟତମ, ଯାହା ବିଶ୍ୱ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଛି । ଇଣ୍ଡିଆନ୍ କାଉନସିଲ୍ ଫର ମେଡିକାଲ୍ ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ ୨୦୨୫ ସୁଦ୍ଧା ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ସାତଗୁଣ ବୃଦ୍ଧି ହେବାର ଆଶଙ୍କା କରାଯାଉଛି । ପ୍ରତି ବର୍ଷ ଲକ୍ଷ ଲକ୍ଷ ଲୋକ କର୍କଟରେ ପୀଡ଼ିତ ହୋଇ ପ୍ରାଣ ହରାଉଛନ୍ତି । ଏଥିପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଫେବୃଆରୀ ୪କୁ ବିଶ୍ୱ କର୍କଟ ଦିବସ ରୂପେ ପାଳନ କରାଯାଉଛି । ତେବେ ଏହି ବିଶେଷ ଦିନରେ ଜାଣନ୍ତୁ କର୍କଟ ରୋଗ ବାବଦରେ ସମ୍ପୂର୍ଣ୍ଣ ବିବରଣୀ...

**କର୍କଟ କ'ଣ ?**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ କର୍କଟ ହେଉଛି ଅନେକ ରୋଗର ଏକ ଗୋଷ୍ଠୀ, ଯାହା ଶରୀରର ଯେକୌଣସି ଅଙ୍ଗକୁ ପ୍ରଭାବିତ କରିପାରେ । ଟ୍ୟୁମର ବା ନିଓପ୍ଲାଜମରୁ ଆରମ୍ଭ ହୁଏ କର୍କଟ । ଯେତେବେଳେ ଶରୀରରେ ସାଧାରଣ କୋଷଗୁଡ଼ିକ କର୍କଟ କୋଷରେ ପରିଣତ ହୁଏ ସେତେବେଳେ ଟ୍ୟୁମର ହୁଏ । ଟ୍ୟୁମରରୁ ଧୀରେ ଧୀରେ କର୍କଟ ସୃଷ୍ଟି ହୁଏ ଏବଂ ଶରୀରର ବିଭିନ୍ନ ଅଂଶକୁ ବ୍ୟାପିଯାଏ । ମସ୍ତିଷ୍କ, ଯକୃତ, ବୃକକ୍, ଫୁସଫୁସ, ସ୍ତନ, ରକ୍ତ ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ କର୍କଟ ସୃଷ୍ଟି ହୋଇପାରେ ।

**କର୍କଟ ଲକ୍ଷଣ କ'ଣ ?**

କର୍କଟର ସେପରି କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ଦେଖାଯାଏ ନାହିଁ । ଏହା ରୋଗର ପ୍ରଭାବ ଏବଂ ପ୍ରକାର ଉପରେ ନିର୍ଭର କରେ । ତଥାପି କେତେକ ସାଧାରଣ ଏବଂ ପ୍ରାରମ୍ଭିକ ଲକ୍ଷଣ ରହିଛି, ଯାହା ନିମ୍ନରେ ବର୍ଣ୍ଣନା କରାଯାଇଛି...




- ହଠାତ୍ ଓଜନ ହ୍ରାସ
- କ୍ରମାଗତ ଭାବେ ଥକ୍କା ଲାଗିବା
- ଶରୀରରେ ପୀଡ଼ା
- ରାତିରେ ଅଧିକ ଜ୍ୱର ଆସିବା
- ଚର୍ମରେ ପରିବର୍ତ୍ତନ ଇତ୍ୟାଦି

**କେତେକ ଗମ୍ଭୀର ଲକ୍ଷଣ ହେଉଛି...**

- ଶରୀରର କୌଣସି ବି ଅଂଶରେ ବିନା କାରଣରେ କ୍ଷତ ବା ରକ୍ତସ୍ରାବ ହେବା
- କ୍ଷତ ହୋଇଥିଲେ ଭଲ ନହେବା
- ନିଃଶ୍ୱାସ ନେବାରେ ଅସୁବିଧା
- ଖାଦ୍ୟ ଗିଳିବାରେ ସମସ୍ୟା ଇତ୍ୟାଦି

**କାହିଁକି ହୁଏ କର୍କଟ ?**

କର୍କଟ କୌଣସି ନିର୍ଦ୍ଦିଷ୍ଟ କାରଣ ପାଇଁ ହୋଇନଥାଏ । ଭିନ୍ନ ଭିନ୍ନ କାରଣରୁ ବିଭିନ୍ନ ପ୍ରକାର କର୍କଟ ହୋଇଥାଏ । ଧୂମପାନ, ମଦ୍ୟପାନ, ମୋଟାପଣ ଏବଂ ଅସୁରକ୍ଷିତ ଯୌନ ସମ୍ପର୍କ ଭଳି କେତେକ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଅଭ୍ୟାସ କର୍କଟ ରୋଗର କାରଣ ହୋଇପାରେ । କର୍କଟ ରୋଗ ପାଇଁ ଜେନେଟିକ୍ସ ମଧ୍ୟ ଏକ ପ୍ରମୁଖ ବିପଦ କାରଣ । ଯେଉଁମାନଙ୍କର ପରିବାରରେ ପୂର୍ବରୁ କର୍କଟ ରୋଗ ଅଛି, ସେମାନଙ୍କ କର୍କଟ ହେବାର ଆଶଙ୍କା ଅଧିକ ଥାଏ ।

**କର୍କଟକୁ କିପରି ରୋକାଯାଇପାରିବ ?**

- ଯଦି ତମାଖୁ ସେବନ କରୁଛନ୍ତି, ତେବେ ଏ ଅଭ୍ୟାସଠୁ ତୁରନ୍ତ ଦୂରେଇ ରୁହନ୍ତୁ । ଏଥିପାଇଁ ଜଣେ ବିଶେଷଜ୍ଞଙ୍କ ସାହାଯ୍ୟ ନେଇପାରିବେ ।
- ସୁସ୍ଥ ରହିବା ପାଇଁ ସୁସ୍ଥ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସର୍ବଦା ଏକ ସୁସ୍ଥ ଖାଦ୍ୟ ଅଭ୍ୟାସ କରନ୍ତୁ ।
- ଦୈନନ୍ଦିନ କାର୍ଯ୍ୟରେ ବ୍ୟାୟାମ ଅନ୍ତର୍ଭୁକ୍ତ କରନ୍ତୁ । ବ୍ୟାୟାମ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।
- ବିଷାକ୍ତ ପଦାର୍ଥର ସଂସ୍ପର୍ଶରେ ଆସନ୍ତୁ ନାହିଁ ।
- ସୂର୍ଯ୍ୟଙ୍କ କ୍ଷତିକାରକ ଅତିବାଇଗଣୀ ରଶ୍ମିଠୁ ଚର୍ମକୁ ରକ୍ଷା କରନ୍ତୁ ।
- ନିୟମିତ କର୍କଟ ରୋଗ ପାଇଁ ଯାଞ୍ଚ କରନ୍ତୁ ।

# କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ ?




ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ । ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ ।

ସୁସ୍ୱାସ୍ଥ୍ୟ ବଜାୟ ରହିବା ପାଇଁ ଭିଟାମିନ୍, ପ୍ରୋଟିନ ଓ ମିନେରାଲ୍ସ ନିହାତି ଆବଶ୍ୟକ । ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ । ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ । କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ, ଜାଣନ୍ତୁ...

ଗାଢ ଚର୍ମ ଥିବା ବ୍ୟକ୍ତି - ଯେଉଁମାନଙ୍କର ଚର୍ମ ରଙ୍ଗ ଗାଢ଼, ସେମାନଙ୍କ ଶରୀରରେ ଭିଟାମିନ୍-ଡିର ଅଭାବ ଦେଖାଯାଏ । ଏହାର କାରଣ ହେଉଛି ସେମାନଙ୍କ ଚର୍ମର ପ୍ରଥମ ସ୍ତରରେ ମେଲାନିନ ଥାଏ, ଯେଉଁଥିପାଇଁ ସେମାନେ ଅଧିକ ଭିଟାମିନ-ଡି ଆବଶ୍ୟକ କରନ୍ତି ।

ନନଭେଜ୍ ଖାଉଥିବା ବ୍ୟକ୍ତି - ଯେଉଁମାନେ ଅଧିକ ନନଭେଜ୍ ଖାଆନ୍ତି, ସେମାନଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦିଏ । ଶରୀରକୁ ନନଭେଜରୁ ପ୍ରଚୁର ପ୍ରୋଟିନ୍ ମିଳିଥାଏ କିନ୍ତୁ ଭିଟାମିନ-ଡିର ଅଭାବ ରହିଯାଏ । ଭିଟାମିନ-ଡି ପାଇଁ ଯଥାସମ୍ଭବ ପନିପରିବା, ଫଳ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ ଖାଇବା ଉଚିତ୍ ।

ଡେସ୍କରେ ବସି କାମ କରୁଥିବା ଲୋକ - ଆଜିକାଲି, ବନ୍ଦ ଏସି ଅଫିସରେ ୯ ଘଣ୍ଟା କାମ କରୁଥିବା ଲୋକଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦେଉଛି । ଯେଉଁମାନେ ସକାଳ ଶିଫ୍ଟରେ କାମ କରନ୍ତି ଏବଂ ଯେଉଁମାନେ ବିଳମ୍ବିତ ରାତିରେ କିମ୍ବା ସନ୍ଧ୍ୟା ଶିଫ୍ଟରେ କାମ କରି ସକାଳେ ଶୀଘ୍ର ଉଠିପାରନ୍ତି ନାହିଁ, ସେମାନେ ମଧ୍ୟ ସକାଳର ସୂର୍ଯ୍ୟ କିରଣ ପାଇପାରନ୍ତି ନାହିଁ । ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ-ଡି ହ୍ରାସ ପାଇବା ଆରମ୍ଭ କରେ ।




୫୦ ବର୍ଷରୁ ଅଧିକ ଲୋକ - ବୟସ ବଢିଲେ ଅନେକ ପ୍ରକାର ରୋଗ ମାଡ଼ିବସେ । ବୟସ ବଢିବା ସହିତ ଶରୀରରେ ଭିଟାମିନ୍, ପ୍ରୋଟିନ୍ ଏବଂ କ୍ୟାଲସିୟମ୍ କମିବା ଆରମ୍ଭ କରେ । ୫୦ ବର୍ଷରୁ ଉର୍ଦ୍ଧ୍ୱ ଲୋକେ ଏଥିରେ ଶିକାର ହୁଅନ୍ତି ।

# ସାବଧାନ: ତ୍ୱଚାକୁ ନଷ୍ଟ କରିଦେବ ଏହି ସବୁ ପାନୀୟ



ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ । ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ । ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା ।

ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ । ଚମରେ ଉଜ୍ଜ୍ୱଳତା ଆସିଥାଏ । ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ । ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ ।

ସେହିପରି ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି । ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର ବାହାରିବାର ପ୍ରମୁଖ କାରଣ ପାଲଟିଥାଏ ।

କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ । ମାତ୍ର ଅତ୍ୟଧିକ କଫି ପିଇବା ଦ୍ୱାରା ଶରୀରୁ ଜଳ ଅଂଶ ହ୍ରାସ ପାଇଥାଏ । ଫଳରେ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।

ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ । ସେହିପରି ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ । ଏହା ଆପଣ ଜାଣିଥିବେ ନିଶ୍ଚୟ । ଆପଣ ନିଜ ଶରୀରର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା ।



# ଭାରି ବିପଦ ନକଲି ବନ୍ଧୁ; ଏମାନଙ୍କୁ ଚିହ୍ନିବାର ୬ଟି ଉପାୟ



**ପ୍ରାୟ ଲୋକ ସତ ଏବଂ ମିଛ ବନ୍ଧୁମାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିପାରନ୍ତି ନାହିଁ । ସେମାନଙ୍କ ମନରେ ଲୁଚି ରହିଥିବା ଖରାପ ଭାବନାକୁ ଅନୁଭବ କରିପାରନ୍ତି ନାହିଁ । ତେବେ ଆପଣ ସତ ଓ ମିଛ ବନ୍ଧୁ କିପରି ଜାଣିବେ ସେଥିପାଇଁ ଏହି ୬ଟି ଉପାୟ ଜାଣି ନିଅନ୍ତୁ ।**

ଆଜିକାଲି ଦୁନିଆରେ ପ୍ରକୃତ ବନ୍ଧୁଟିଏ ପାଇବା କଷ୍ଟକର । ଜଣେ ପ୍ରକୃତ ବନ୍ଧୁ ହେଉଛି ଯିଏ କେବଳ ସୁଖରେ ନୁହେଁ ବରଂ ଦୁଃଖରେ ପାଖରେ ଠିଆହୁଏ । ପ୍ରକୃତ ବନ୍ଧୁ କେବେ ଦେଖେଇ ହୁଏ ନାହିଁ କି ବାହାନା କରେ ନାହିଁ । ସେ ବାହାରୁ ଗୋଟିଏ ଆଉ ଭିତରେ ଅନ୍ୟ କିଛି ହୁଏ ନାହିଁ । ପ୍ରାୟ ଲୋକ ସତ ଏବଂ ମିଛ ବନ୍ଧୁମାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିପାରନ୍ତି ନାହିଁ । ସେମାନଙ୍କ ମନରେ ଲୁଚି ରହିଥିବା ଖରାପ ଭାବନାକୁ ଅନୁଭବ କରିପାରନ୍ତି ନାହିଁ ।

ନକଲି ବନ୍ଧୁ ବା ଫେକ୍ ଫ୍ରେଣ୍ଡ୍ ସେହିମାନେ ହୋଇଥାନ୍ତି, ଯେଉଁମାନେ ଆପଣଙ୍କର ଯତ୍ନ ନେବାର ଦେଖେଇ ହୁଅନ୍ତି, କିନ୍ତୁ ପ୍ରକୃତରେ ସେମାନେ ଆପଣଙ୍କର ହୀତର ଧ୍ୟାନ ଦିଅନ୍ତି ନାହିଁ । ଫେକ୍ ଫ୍ରେଣ୍ଡ୍‌ଙ୍କୁ ମିଛ ବନ୍ଧୁ ମଧ୍ୟ କୁହାଯାଏ ।

ଏହିପରି ବନ୍ଧୁମାନେ କେବଳ ସେପର୍ଯ୍ୟନ୍ତ ଆପଣଙ୍କ ସହ ରହିବେ ଯେପର୍ଯ୍ୟନ୍ତ ସେମାନେ ଆପଣଙ୍କଠାରୁ କିଛି ଲାଭ ପାଉଥିବେ । ତେବେ ଆପଣ ସତ ଓ ମିଛ ବନ୍ଧୁ କିପରି ଜାଣିବେ ସେଥିପାଇଁ ଏହି ୬ଟି ଉପାୟ ଜାଣି ନିଅନ୍ତୁ ।

**ଠିକ ସମୟରେ ସମର୍ଥନ କରନ୍ତି ନାହିଁ:**

ପ୍ରକୃତ ବନ୍ଧୁମାନେ ଭାବପ୍ରବଣ ଏବଂ ସକରାତ୍ମକ ଭାବେ ସମର୍ଥନ କରିଥାନ୍ତି । କିଛି ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁମାନଙ୍କ ଜୀବନରେ ଭଲ ବନ୍ଧୁ ଥାଆନ୍ତି ସେମାନେ କଦାପି ଚାପର ସମ୍ମୁଖୀନ ହୁଅନ୍ତି ନାହିଁ । ଏହି କାରଣରୁ, ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଥାଏ । ନକଲି କିମ୍ବା ଦେଖାଣିଆ ବନ୍ଧୁମାନଙ୍କ ଉପରେ ବିଶ୍ୱାସ କରିବା କଷ୍ଟସାଧ୍ୟ ହୋଇପାରେ, କାରଣ ଯେତେବେଳେ ଆପଣ ପ୍ରକୃତରେ ସେମାନଙ୍କୁ ଆବଶ୍ୟକ କରନ୍ତି, ସେତେବେଳେ ସେମାନେ ସମର୍ଥନ, ସମବେଦନା କିମ୍ବା ବିଶ୍ୱସ୍ତତା ଦେଖାନ୍ତି ନାହିଁ ।

**ଆବଶ୍ୟକ ବେଳେ ଦେଖା ଦିଅନ୍ତି ନାହିଁ:**

ନକଲି ବନ୍ଧୁମାନେ ସେତେବେଳେ ପାଖରେ ମିଳନ୍ତି ଯେତେବେଳେ ସେମାନଙ୍କର କିଛି ଜିନିଷର ଆବଶ୍ୟକତା ପଡେ । କିନ୍ତୁ ଯେତେବେଳେ ଆପଣଙ୍କର କିଛି ଆବଶ୍ୟକ ପଡେ ସେମାନେ ଦେଖାଦିଅନ୍ତି ନାହିଁ । ଏହି ସମୟରେ ସେମାନେ ବିଭିନ୍ନ ପ୍ରକାର ବାହାନା ଦେଖାନ୍ତି । ଯଦି ଆପଣଙ୍କର କୌଣସି ବନ୍ଧୁ ଏମିତି କରୁଛନ୍ତି ତେବେ ସେମାନଙ୍କ ଠାରୁ ଦୂରେଇ ରହିବା ଭଲ ।

**ଏକପାଖିଆ ବ୍ୟବହାର:**

ନକଲି ବନ୍ଧୁମାନଙ୍କ ସହିତ ସମ୍ପର୍କ ସର୍ବଦା ଏକପାଖିଆ ମନେହୁଏ । ଉଦାହରଣ ସ୍ୱରୂପ, ଯେତେବେଳେ ଆପଣ ନିଜ ସାଙ୍ଗମାନଙ୍କ ସହିତ କଥା ହେଉଥିବେ, ସେମାନେ କେବଳ ନିଜ ବିଷୟରେ କହୁଥିବେ । ସେମାନଙ୍କ ଜୀବନରେ ଯାହା ଘଟୁଛି ତାହା ଶେୟାର କରୁଥିବେ । ନିଜର ମତାମତ ଦେବା ଜାରି ରଖୁଥିବେ । ଆପଣଙ୍କ ସହିତ ଯାହା ଘଟୁଛି ସେଥିରେ ସେମାନେ ଆଗ୍ରହ ଦେଖାଉ ନଥିବେ । ଏପରି ବନ୍ଧୁମାନଙ୍କଠାରୁ ଦୂରରେ ରହିବା ଆପଣଙ୍କ ପାଇଁ ଭଲ, ଯେଉଁମାନଙ୍କ ଆଚରଣ ଏଭଳି ଏକପାଖିଆ ଦେଖାଯାଏ ।

**ଅବିଶ୍ୱସନୀୟତା:**

ନକଲି ବନ୍ଧୁମାନେ ଅବିଶ୍ୱସନୀୟ ହୋଇପାରନ୍ତି । ସେମାନେ ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତି ନାହିଁ । ଏପରି ପରିସ୍ଥିତିରେ, ସେମାନଙ୍କୁ କୌଣସି କ୍ଷେତ୍ରରେ ବି ବିଶ୍ୱାସ କରିବା କଷ୍ଟକର ହୋଇପାରେ । ସେମାନେ ଆପଣଙ୍କୁ ସାହାଯ୍ୟ କରିବାକୁ ପ୍ରତିଜ୍ଞା କରିପାରନ୍ତି, କିନ୍ତୁ ଶେଷ ମୁହୂର୍ତ୍ତରେ ଆପଣଙ୍କୁ ଛାଡି ପଳାଇପାରନ୍ତି ।

**ବିଶ୍ୱାସଘାତକତା:**

ନକଲି ବନ୍ଧୁମାନେ ଆପଣଙ୍କ ପ୍ରତି କେବେ ବି ବିଶ୍ୱସ୍ତ ହୋଇପାରିବେ ନାହିଁ । ସେମାନେ ଆପଣଙ୍କର ସମସ୍ତ ରହସ୍ୟ ଅନ୍ୟମାନଙ୍କ ସହିତ ମଧ୍ୟ ଶେୟାର କରିପାରନ୍ତି । ସେମାନେ ଆପଣଙ୍କ ପଛରେ ଖରାପ କଥା କହିପାରନ୍ତି କିମ୍ବା ତୁମ ବିଷୟରେ ଗୁଜବ ବିସ୍ତାର କରିପାରନ୍ତି ।

**ଅସମ୍ମାନ:**

ଯେକୌଣସି ସମୟରେ, ଯେକୌଣସି ପରିସ୍ଥିତିରେ ନକଲି ବନ୍ଧୁମାନେ ଆପଣଙ୍କୁ ଅନ୍ୟମାନଙ୍କ ସାମ୍ନାରେ ମିଥ୍ୟାବାଦୀ ପ୍ରମାଣ କରି ତୁମକୁ ଅସମ୍ମାନ କରିପାରନ୍ତି । ଏମାନେ ଆପଣଙ୍କୁ ଅପମାନ କିମ୍ବା ପରିହାସ ମଧ୍ୟ କରିପାରନ୍ତି ।

**ଈର୍ଷା:**

ଏହିପରି ବନ୍ଧୁମାନେ ତୁମର ସଫଳତା ଏବଂ ଉପଲବ୍ଧିକୁ ବିପଦ ବୋଲି ଅନୁଭବ କରନ୍ତି । ସେମାନେ ଆପଣଙ୍କ ଅଗ୍ରଗତି ପାଇଁ ଈର୍ଷା ଅନୁଭବ କରନ୍ତି । ଆପଣଙ୍କର ସଫଳତାର ମଜ୍ଜା ନେବା ପରିବର୍ତ୍ତେ, ସେମାନେ ତୁମକୁ ନିଚା କରିବାକୁ ଚେଷ୍ଟା କରନ୍ତି କିମ୍ବା ଆପଣଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚେଷ୍ଟା କରନ୍ତି । ଯଥାଶୀଘ୍ର ଏହିପରି ଲୋକମାନଙ୍କଠାରୁ ନିଜକୁ ଦୂରେଇ ରଖିବା ଭଲ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଓଡ଼ିଆ ଭାଷାର ଆଦୃତି...

ଓଡ଼ିଆ ଭାଷାର ଭବିଷ୍ୟତକୁ ନେଇ ଏବଂ ତା'ର ସ୍ୱୀକୃତି, ପରିବ୍ୟାପ୍ତି ଓ ଉତ୍ତର ପିଢ଼ିର ଆଦୃତି ଉଦ୍ଦେଶ୍ୟରେ ଓଡ଼ିଶା ସରକାର 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଆୟୋଜନ କରିବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତତ୍ ସହିତ ସମୂହ ଭାବେ ଆମ ରାଜ୍ୟର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ ସହ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶାର ରାଜ୍ୟ ସଙ୍ଗୀତର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ସ୍ମରଣ କରିବା ମଧ ଏକ ସାଧୁ ଉଦ୍ୟମ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏହି ଉଦ୍‌ଘାଟନୀ ଉତ୍ସବରେ ଅନେକ ପ୍ରସିଦ୍ଧ ସାହିତ୍ୟିକ, ଶିଳ୍ପୀ, କଳାକାର, ସଙ୍ଗୀତଜ୍ଞ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଯୁବ ଗୋଷ୍ଠୀ ଓ ସାଧାରଣ ଜନତା ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ଗାନର ଲାଳିତ୍ୟ ସ୍ୱରରେ ମନ୍ତ୍ରମୁଗ୍ଧ ହେଉଥିଲେ। ଅନେକେ ସେଠାରେ ଉପସ୍ଥିତ ରହି ବ୍ୟକ୍ତିଗତ ଚେତନାରୁ ଊର୍ଦ୍ଧ୍ୱ କୁ ଉଠି 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତର ଯାଦୁକରୀ ଲାଳିତ୍ୟର ଶବ୍ଦ ତରଙ୍ଗାୟିତ ସିନ୍ଧୁ ମାଧୁର୍ଯ୍ୟରେ ସମାହିତ ହେଉଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ସଭାକୁ ଉଦ୍‌ଘାଟନ କରି ଏତାଦୃଶ ଭବ୍ୟ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ ଏବଂ ଓଡ଼ିଶାର ଜ୍ଞାନପୀଠ ଓ ପଦ୍ମ ପୁରସ୍କାର ପାଇଥିବା ବିଶିଷ୍ଟ ବ୍ୟକ୍ତିଗଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ଭାଷାର ଉଜ୍ଜ୍ୱଳମୟ ଭବିଷ୍ୟତ ସମ୍ପର୍କରେ ସମ୍ବନ୍ଧିତ ପ୍ରତିଭାଗଣଙ୍କ ସଂକ୍ଷିପ୍ତ ବକ୍ତବ୍ୟ ମଧ ବେଶ୍ ଉତ୍ସାହପ୍ରଦ ଥିଲା । ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ତାଙ୍କର ଜୀବନବ୍ୟାପି ଓଡ଼ିଆ ଭାଷା କ୍ଷେତ୍ରରେ ଅଭୂତପୂର୍ବ ସାଧନା ପାଇଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ, ଯେଉଁଥିପାଇଁ ଶ୍ରୀ ପଟ୍ଟନାୟକ ପୁରସ୍କାର ରାଶି ବାବଦରେ କୋଡ଼ିଏ ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରିଥିଲେ। କେବଳ ସେତିକି ନୁହେଁ, ପ୍ରସିଦ୍ଧ ଜର୍ମାନୀ ଐତିହାସିକ ଓ ଗବେଷକ ପ୍ରଫେସର ହରମାନ କୁଲକେ ଏବଂ ପ୍ରଫେସର ଇଉଇ ସ୍କୋଡା ନିଜ ନିଜର ବକ୍ତବ୍ୟ ରଖୁବା ସହିତ ସେମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ଅନେକ ବରେଣ୍ୟ ସାହିତ୍ୟିକ, କଳାକାର, ଶିଳ୍ପୀଗଣଙ୍କୁ ମଧ ବିଭିନ୍ନ ସଭାକକ୍ଷରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଇ ଦୁଇଜଣ ବିଦେଶୀ ଗବେଷକଙ୍କ ବକ୍ତବ୍ୟ ଓଡ଼ିଆ ଭାଷାର ଗୌରବ ଜାଣିବା ନିମନ୍ତେ ବହୁ ଯୁବ ପିଢ଼ିଙ୍କ ପାଇଁ ପ୍ରେରଣାଦାୟକ ଥିଲା । ସଭାର ସମାପ୍ତି ପରେ ଗଣମାଧମର ସାମ୍ବାଦିକଗଣ ପ୍ରସିଦ୍ଧ ସାହିତ୍ୟିକ, ଶିଳ୍ପୀ, କଳାକାର ଆଦିଙ୍କଠାରୁ ବିଶ୍ୱ ଓଡ଼ିଆ ସମ୍ମିଳନୀ ସମ୍ବନ୍ଧରେ ବାଇଟ୍ ମଧ୍ୟ ନେଇଥିଲେ। ଦ୍ୱିତୀୟ ଦିନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ପୁଣ୍ୟତିଥି ଥିବାରୁ ଓଡ଼ିଶାର ଗୌରବମୟ ଇତିହାସ ସମ୍ବନ୍ଧିତ ଆଲୋଚନା ବେଶ୍ ଚମତ୍କାର ଥିଲା । ନ'ଅଙ୍କ ଦୁର୍ଭିକ୍ଷ ବାସ୍ତବରେ ଓଡ଼ିଆ ଓ ଓଡ଼ିଶା ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ ଥିଲା ବୋଲି ସେମାନେ ଦୃଢ଼ ମତ ପୋଷଣ କରିଥିଲେ । ସଭାରେ ଉପସ୍ଥିତ ବହୁ ଛାତ୍ରଛାତ୍ରୀ ସେମାନଙ୍କ ଆଲୋଚନା ଦ୍ୱାରା ଜ୍ଞାନଦୀପ୍ତ ହୋଇଥିଲେ, ଏଥରେ ସନ୍ଦେହ ନାହିଁ । ତୃତୀୟ ଦିବସ ଅର୍ଥାତ୍ ଉଦ୍‌ଯାପନୀ ଦିବସରେ ଏକ ମହତ୍ତ୍ୱପୂର୍ଣ୍ଣ ଆଲୋଚନାର ଆରମ୍ଭ କରାଯାଇଥିଲା । ଏହି ସଭାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମ୍ୟାନେଜମେଣ୍ଟ ଗୁରୁ ଡକ୍ଟର ସୁବ୍ରତ ବାଗ୍‌ଚୀ ସଭାପତିତ୍ୱ କରିଥିଲେ ଏବଂ କର୍ପୋରେଟ ଜଗତର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିତ୍ୱ ଡକ୍ଟର ସଂତୃପ୍ତ ମିଶ୍ର, ସିଙ୍ଗାପୁର ସରକାରଙ୍କର ମୁଖ୍ୟ ପରାମର୍ଶଦାତା ସୋପ୍ଲେନ୍ଦୁ ମହାନ୍ତି ଏବଂ ବୈଜ୍ଞାନିକ ଡକ୍ଟର ଏସ୍ ପଣ୍ଡା ସଭାରେ ବକ୍ତା ଭାବରେ ଉପସ୍ଥିତ ରହିଥିଲେ। ୨୦୩୬ରେ ଓଡ଼ିଶା- ନବ ଦିଗନ୍ତର ସମ୍ଭାବନା ବିଷୟବସ୍ତୁ ଉପରେ ବକ୍ତାମାନଙ୍କର ଉପସ୍ଥାପନ ଅତି ଚମତ୍କାର ଥିଲା। ଯେହେତୁ ଓଡ଼ିଶା- ୧୯୩୬ରେ ଏକ ଭାଷାଭିତ୍ତିକ ରାଜ୍ୟ ଭାବେ ଜନ୍ମ ନେଇଥିଲା, ୨୦୩୬ ବେଳକୁ ଓଡ଼ିଶା କିପରି ଏକ ବିକଶିତ ରାଜ୍ୟ ହେଇ ଉଭା ହୋଇ ପାରିବ, ସେ ସମ୍ବନ୍ଧରେ ଆଲୋଚନା ବେଶ୍ ଶିକ୍ଷଣୀୟ ଥିଲା । ଏହି ପରିପ୍ରେକ୍ଷୀରେ ଡକ୍ଟର ସଂତୃପ୍ତ ମିଶ୍ରଙ୍କର ଥଟ୍ ଲିଡରସିପ ଧାରଣାଟି ଖୁବ୍ ମନକୁ ପାଇଥିଲା ଏବଂ ଆଜିର ଯୁବ ବର୍ଗ ତ୍ୟାଗ ମନୋବୃତ୍ତି ନେଇ ଆଗକୁ ଯିବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଫାଇଭ୍-ଟିର ଅଧକ୍ଷ ଶ୍ରୀ ଭିକେ ପାଣ୍ଡିଆନ ଅତି ସୁନ୍ଦର ଭାବରେ ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା କିପରି ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ରାଜସ୍ୱ ଆଦାୟ ଇତ୍ୟାଦି କ୍ଷେତ୍ରରେ ସଫଳତା ଅର୍ଜନ କରିଛି, ତା'ର ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ଏବଂ ଆଉ ଦଶ ବର୍ଷ ପରେ, ଅର୍ଥାତ୍ ୨୦୩୬ ପୂର୍ବରୁ ଓଡ଼ିଶା କିପରି ଏକ ବିକଶିତ ରାଜ୍ୟରେ ପରିଣତ ହୋଇ ପାରିବ ତା'ର ଏକ ରୂପରେଖ ପ୍ରଦାନ କରିଥିଲେ। ମୋଟାମୋଟି କହିବାକୁ ଗଲେ, ତିନି ଦିନ ଧରି ଅନୁଷ୍ଠିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମସ୍ତ ଓଡ଼ିଆଙ୍କ ପାଇଁ ଏକ ଭିନ୍ନ ସ୍ୱାଦ ଆଣିଥିଲା, ବିଶେଷକରି ଯୁବ ପିଢ଼ି ବହୁ ସଂଖ୍ୟାରେ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶାର ଗୌରବମୟ ଅତୀତର ଇତିହାସର ସ୍ମୃତିଚାରଣ ଏବଂ ଭବିଷ୍ୟତ ଆକାଂକ୍ଷାର ପରିକଳ୍ପନା ଦ୍ୱାରା ବିଶେଷ ଋଦ୍ଧିମନ୍ତ ହୋଇ ପାରିଛନ୍ତି। ଏହା ନିଶ୍ଚିତ ଭାବରେ ସରକାରଙ୍କର ଏକ ସଫଳ ପ୍ରୟାସ ଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ । କିନ୍ତୁ ପ୍ରଥମ ଅଧିବେଶନରେ ଘୋଷିକା ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବିଙ୍କୁ କଣ୍ଠକବି ଭାବରେ ଉଚ୍ଚାରଣ କରିବା ଅନେକ ଓଡ଼ିଆଙ୍କୁ ବ୍ୟଥିତ କରିଛି, ଯାହା ସମ୍ଭବତଃ ଅନିଚ୍ଛାକୃତ ତ୍ରୁଟି ଥିଲା । ଏପରି ତ୍ରୁଟି ଭବିଷ୍ୟତରେ ଯେପରି ନ ଘଟେ, ସରକାରୀ କର୍ମକର୍ତ୍ତାମାନେ ଏଥି ପ୍ରତି ସଚେତନ ହେବାକୁ ଆମର ସବିନୟ ଅନୁରୋଧ । ସର୍ବଶେଷରେ ଏତିକି କୁହାଯାଇପାରେ ଯେ ସରକାରଙ୍କର ଏଭଳି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କରିବାର ପରିକଳ୍ପନା ଓ ସଫଳତା ନିଶ୍ଚିତ ଓଡ଼ିଆ ଭାଷା ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହେବ ହିଁ ହେବ– ଏଥିରେ ସନ୍ଦେହ ନାହିଁ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ଅଶେଷ ସାଧୁବାଦ ।

# ସାରସ୍ୱତ ଶ୍ରୀକ୍ଷେତ୍ର ବାଲେଶ୍ୱରରେ ବହୁ ଚର୍ଚ୍ଚିତ ସାରସ୍ୱତ ସ୍ରଷ୍ଟା



**ଡ.ରାଧାରଂଜନ ପଟ୍ଟନାୟକ**

ଶେଷରେ ଏତିକି କୁହାଯାଇପାରେ ଏଥିରେ ବାଲେଶ୍ୱରରୁ ପ୍ରକାଶିତ ଯେଉଁ ପତ୍ର ପତ୍ରିକାର ନାମ ମୋ ପାଖରେ ନାହିଁ କିମ୍ବା ମୁଁ ଜାଣିନଥିବା ସାହିତ୍ୟିକମାନଙ୍କର ନାମ ଏଇ ସ୍ତମ୍ଭରେ ଉଲ୍ଲେଖ କରିନାହିଁ, ସେମାନେ ଯେ ସାରସ୍ୱତ ସ୍ରଷ୍ଟା ନୁହଁନ୍ତି, ଏହା କୁହା ଯାଇ ନପାରେ । ମୁଁ କେବଳ କେତେକ ନିର୍ବାଚିତ ତଥା ଚର୍ଚ୍ଚିତ ସାଧକମାନଙ୍କର ନାମ ଉତ୍ଥାପନ କରିଛି ମାତ୍ର । ତେବେ ପରବର୍ତ୍ତୀ ସମୟରେ ଏହି ତାଲିକାରେ ଆଉ କିଛି ନାମ ଯୋଡାଯାଇ ପାରେ। ଏହାହିଁ ସତ୍ୟ, ବାଲେଶ୍ୱର ମାଟିରେ କବିଙ୍କ ସଂଖ୍ୟା ଆକଳନ କରାଯାଇ ନ ପାରେ ।

ରୀତି ସାହିତ୍ୟରୁ ଆରମ୍ଭ କରି ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ବାଲେଶ୍ୱରର ଦାନ ଅତୁଳନୀୟ । ସ୍ୱାଧୀନଚେତା ତଥା ଭକ୍ତକବି ଦୀନକୃଷ୍ଣଙ୍କ ଠାରୁ ଆରମ୍ଭ କରି ବ୍ୟାସକବି ଫକୀର ମୋହନ, କବିବର ରାଧାନାଥ, ଲକ୍ଷ୍ମୀ ନାରାୟଣ ସାହୁ, ଅବଦୁଲ ରହିମ, ଗୋଲକ ଚନ୍ଦ୍ର ମହାପାତ୍ର, ଚନ୍ଦ୍ରମୋହନ ମହାରଣା, ହରିଶ ଚନ୍ଦ୍ର ବଡାଲ, ନରେନ୍ଦ୍ର ନାଥ ମିଶ୍ର, ବଟବିହାରୀ ଦାସ, ମନ୍ମଥ ଦାସ, ଅଚ୍ୟୁତାନନ୍ଦ ଦାସଙ୍କ ପର୍ଯ୍ୟନ୍ତ ବାଲେଶ୍ୱରରେ ଅନେକ ସାରସ୍ୱତ ସ୍ରଷ୍ଟା ଜନ୍ମ ଗ୍ରହଣ କରି ଓଡ଼ିଆ ସାହିତ୍ୟକୁ ପରିପୃଷ୍ଟ କରିଛନ୍ତି ଏବଂ ସାହିତ୍ୟ କ୍ଷେତ୍ରରେ ନିଜର ବଳିଷ୍ଠ ପଦକ୍ଷେପ ଛାଡି ଦେଇଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ସମୟ ଖଣ୍ଡରେ ମନୋଜ ଦାସ, କବି ବ୍ରଜନାଥ ରଥ, ଯଦୁନାଥ ଦାସ ମହାପାତ୍ର, ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ, ପ୍ରହ୍ଲାଦ ଚରଣ ମହାନ୍ତି, ଚଣ୍ଡୀଚରଣ କର, ଦୁର୍ଗାପ୍ରସନ୍ନ ପଣ୍ଡା, ଚନ୍ଦ୍ରକୁମାର ମହାନ୍ତି, ଶୁଭେନ୍ଦୁ ମୋହନ ଦାସ, ପ୍ରହରାଜ ସତ୍ୟ ନାରାୟଣ ନନ୍ଦ, କହ୍ନେଇଲାଲ, ସମରେନ୍ଦ୍ର ନାୟକ, ପଞ୍ଚାନନ ଦାଶ, ପ୍ରଶାନ୍ତ ଦତ୍ତପ୍ରମୁଖ ସେମାନଙ୍କ ସର୍ଜନାରେ ସାମାଜିକ ଜନଜୀବନର କଥା କହି କାଳଜୟୀ ସ୍ୱାକ୍ଷର ରଖିଯାଇଛନ୍ତି ।

ଅଶୀ ଦଶକର ପ୍ରାଗୁଷାରୁ ନବେଦଶକର ପ୍ରଥମାର୍ଦ୍ଧ ମଧରେ ବାଲେଶ୍ୱରରୁ ଅନେକ ସାରସ୍ୱତ ସ୍ରଷ୍ଟା ସେମାନଙ୍କ ରଚନାରେ ନିଜ କଳାଶିଳ୍ପର ପରିଚୟ ଦେଇଛନ୍ତି ଏବଂ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ କଲମ ସହ କସରତ କରିଚାଲିଛନ୍ତି ।

ସେମାନଙ୍କ ମଧରୁ କବିତା କ୍ଷେତ୍ରରେ ସର୍ବଶ୍ରୀ ଉମେଶଚନ୍ଦ୍ର ବାରିକ, ଡ. ହରିଶ୍ଚନ୍ଦ୍ର ବେହେରା, ଡ.ରମାକାନ୍ତ ନାୟକ, ଡ. ଗିରିବାଳା ମହାନ୍ତି, ଯଶୋଧରା ଦାସ, ବିଜୟ ଉପାଧ୍ୟାୟ, ଡ. କୁଞ୍ଜବିହାରୀ ଧଳ, ହୃଷୀକେଶ ପଣ୍ଡା, ଅଜିତ ଦାସ ମହାପାତ୍ର, ବିମଳ ଜେନା, ବଂଶୀଧର ଚୌଧୁରୀ, ଡ. ରାଧାରଂଜନ ପଟ୍ଟନାୟକ, ଅଭୟ ଦାସ, ଶ୍ରୀଦେବ, କୃଷ୍ଣକୁମାର ମହାନ୍ତି, ରମେଶ ଚନ୍ଦ୍ର ଦାସ, ସୁକୁମାର ଦାସ, ବିପିନ ବିହାରୀ ବିଶ୍ୱାଳ, ବ୍ରଜେନ୍ଦ୍ର ନାଥ ଗିରି, ସିନ୍ଧୁ ସେନ, ଦୀପ୍ତି ଦାସ, ସୈରିନ୍ଧ୍ରୀ ସାହୁ, ଶୁଭଶ୍ରୀ ଲେଙ୍କା, ସାବିତ୍ରୀ କବି, ସମରେନ୍ଦ୍ର ନାଥ ମହାପାତ୍ର, ସରୋଜ କୁମାର ଦାଶ, କୁଳମଣି ବାରିକ, ସୁରଞ୍ଜନ ପାତ୍ର, ଶାନ୍ତନୁ ପଟ୍ଟନାୟକ, ପ୍ରଶାନ୍ତ ଦାସ, ଶୁଭେନ୍ଦୁ ଦାସ, ରତ୍ନାକର ରାଉତ, ଶୀତାଂଶୁ ଲେଙ୍କା, ରବି ରାଉତ, ରଞ୍ଜନ ବାଗ, ଅଭିମନ୍ୟୁ କାନୁନଗୋ, ଡ.ଭରତ ବେହେରା, ଜୟନ୍ତୀ ବିଶ୍ୱାଳ ବେହୁରିଆ, କାଳୀପଦ ପଣ୍ଡା, ପ୍ରୀତିଲେଖା ଦାସ, ଦିଲ୍ଲୀପ ରଥ, ସୁନୀଲ ମିଶ୍ର, ଦୟାନିଧି ଦାଶ, ସୋମନାଥ ନାୟକ, ଗଙ୍ଗାଧର ଦାସ, ଶିବକୁମାର ସାହୁ, ଉତ୍ପଳ ମହାନ୍ତି, ଅଞ୍ଜଳି ପଣ୍ଡା, ଶରତ ମହାପାତ୍ର, ମନସ୍ୱିନୀ ଦେବୀ, ଜ୍ୟୋତ୍ସ୍ନା ରାୟ, ଗୀତାଞ୍ଜଳି ଶତପଥୀ, ଶ୍ରଦ୍ଧାଞ୍ଜଳି ରାୟ, ସସ୍ମିତା ରାଉତ, ସମର ବଲ୍ଲଭ ଭୋଇ, ପାର୍ବତୀ ବାରିକ, ଚିତ୍ରା ରାଣୀ ପାତ୍ର, ସୁଶ୍ରୀ ସଙ୍ଗୀତ ସ୍ୱାଇଁ ଏବଂ ଭରତ ଚନ୍ଦ୍ର ଦାଶ, ସନ୍ତୋଷ ନାୟକ, ଅଶ୍ୱିନୀ କୁମାର ଦାଶ, ଶୁଭାସିନୀ ଜୀ, କୁମରନାଥ ପାତ୍ର, ନଟବର ପାଢ଼ୀ, କୁମାର ଗୋପାଳ, ବିଦ୍ୟାଧର ସେଠୀ, ଜଳଧର ପଣ୍ଡା, ଯାଦବେଶ ମିଶ୍ର ପ୍ରମୁଖ କବିମାନେ କବିତାର କଳାଶକ୍ତିକୁ ଖୁବ ଭଲ ଭାବେ ମାପି ପରିବାର ହିମ୍ମତ ରଖିଛନ୍ତି ।

ଏବର ନୂଆ ଲେଖୁଥିବା ସତ୍ୟ ସାହୁ, ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ଜ୍ଞାନେନ୍ଦ୍ର କୁମାର ପଣ୍ଡା, କମଳିନୀ କାନ୍ତ, କଲ୍ୟାଣୀ ନନ୍ଦ, ବୀରକିଶୋର ପ୍ରଧାନ, ପ୍ରବୀର କମିଳା, ସୁଧାକର ସେଠୀ, ପୂର୍ଣ୍ଣିମା ସିଂହ ପ୍ରମୁଖ କବିତା କ୍ଷେତ୍ରରେ ନିଜ ପାକଳ ହାତର ପରିଚୟ ଦେଇଛନ୍ତି । ଦିବଙ୍ଗତା ପ୍ରମୀଳା ଶତପଥୀ ବହୁବିଧ କବିତା ସଂକଳନ ପ୍ରକାଶ କରି ନିଜର ପଦଚିହ୍ନ ଛାଡି ଯାଇଥିବା ବେଳେ ବିଦଂଗତ ବିନୟ କୁମାର ଦାସ ନାଟକ, କବିତା, ଶିଶୁସାହିତ୍ୟ କ୍ଷେତ୍ରରେ ମଧ ନିଜ ପାଦଚିହ୍ନ ରଖିଯାଇଛନ୍ତି ।

ଭକ୍ତି ମୂଳକ କବିତା ଏବଂ ଗୀତିକବିତା ସର୍ଜନାରେ ରମାକାନ୍ତ ଦାସ, ମନୋରଞ୍ଜନ ଦାସ, ରବୀନ୍ଦ୍ର ବିଶ୍ୱାଳ, ଡ.ରାମଚନ୍ଦ୍ର ମାଝୀ, ପୂର୍ଣ୍ଣେନ୍ଦୁ ଦାସମହାପାତ୍ର, ପ୍ରଣତି ମହାପାତ୍ର, ମମତା ଦାସ, ସ୍ନିଗ୍ଧା ସାମନ୍ତରାୟ ମଧ ବେଶ ଚର୍ଚ୍ଚାରେ ଅଛନ୍ତି ।

ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ହୃଷୀକେଶ ପଣ୍ଡା, ପୁଷ୍ପାଞ୍ଜଳି ନାୟକ, ରଶ୍ମି ରାଉଳ, କବିତା ବାରିକ, ସଂଯୁକ୍ତା ରାଉତ, ଡ. ସିନ୍ଧୁ ସେନ, ସୈରିନ୍ଧ୍ରୀ ସାହୁ , ଦେବଯାନୀ ଦାସ, ଉଦୟ ନାରାୟଣ ଦାସ, ରମେଶ ଚନ୍ଦ୍ର ଦାସ, ସୃଷ୍ଟିଧର ପରିଡା, ଡ.ରମାକାନ୍ତ ବେହେରା, ସ୍ୱର୍ଗତ ରତିକାନ୍ତ ଦାସ, ରତିକାନ୍ତ ବେହେରା, ଡା ଚୌଧୁରୀ ସତ୍ୟବ୍ରତ ନନ୍ଦ (ବିଜ୍ଞାନ ଓ ସ୍ୱାସ୍ଥ୍ୟ), ଶ୍ରୀ ପ୍ରଦୀପ, ନିବାରଣ ଜେନା, ପ୍ରଦୀପ୍ତ ଦାସ, ଗଙ୍ଗାଧର ବିଶ୍ୱାଳ, କମଳ ଦାସ, ଡ.ଭାଗବତ ବେହେରା, ଜଗଦୀଶ ମିଶ୍ର, ଅଞ୍ଜଳି ପଣ୍ଡା, ସଞ୍ଜୟ ପଣ୍ଡା, ସ୍ମୃତି ଦାସ ଏବଂ ଆଲୋକ ବାରିକ, ଡ.ସନ୍ତୋଷ କୁମାର ନାୟକ ପ୍ରମୁଖ ଉଚ୍ଚାଙ୍ଗ ଗଳ୍ପ ଲେଖିବାରେ ବେଶ ସିଦ୍ଧହସ୍ତ ।

ପ୍ରବନ୍ଧ / ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଡ.ପ୍ରହ୍ଲାଦ ଚରଣ ମହାନ୍ତି, ଡ.ରମାକାନ୍ତ ବେହେରା, ଡ.କୈଳାଶ ପଟ୍ଟନାୟକ, ଡ.ଶ୍ରୀକାନ୍ତ ଚରଣ ପାତ୍ର, ଡ. ଭରତ ଚନ୍ଦ୍ର ବେହେରା, ପ୍ରଫେସର ରବି ନାରାୟଣ ଦାଶ, ଡ. ଗିରିବାଳା ମହାନ୍ତି, ଡ.ଭରତ ବେହେରା, ଡ.ସୁବାସ ଚନ୍ଦ୍ର ପାତ୍ର, ବାଞ୍ଛାନିଧି ଦାସ, ଡ. ମଥୁରାନନ୍ଦ ହୋତା, ଡ.ମନ୍ମଥନାଥ ପ୍ରଧାନ, ଡ.ରାଖାଲଚନ୍ଦ୍ର ଘଡେଇ, ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉପେନ୍ଦ୍ର ବିଶ୍ୱାଳ, ଡ.ଅରବିନ୍ଦ ଗିରି, ଚନ୍ଦନ ଷଡ଼ଙ୍ଗୀ, ଡ.ବଂଶୀଧର ଚୌଧୁରୀ, ଡ.ଶୈଳେନ୍ଦ୍ର ଲେଙ୍କା, ତମସାରାଣୀ ଦାସ ମହାପାତ୍ର, ରତ୍ନାକର ରାଉତ, ଡ ଶରତ ମହାନ୍ତି, ଡ.ରାଧାରଂଜନ ପଟ୍ଟନାୟକ, ଡ.ଭାଗବତ ବେହେରା, ସାନ୍ତ୍ୱନା ହାଲଦାର, ଡ.ରବୀନ୍ଦ୍ର କୁମାର ଦାସ, ଅରୁଣା ରାୟ, ସାବିତ୍ରୀ ଜେନା, ବିଜୟ ଉପାଧ୍ୟାୟ ପ୍ରମୁଖ ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ।

ଏକବିଂଶ ଶତାବ୍ଦୀରେ ଡ.ଦେବାଶିଷ ପାତ୍ର, ଡ.ସନ୍ତୋଷ ନାୟକ ଓ ଡ. ପ୍ରଦୀପ୍ତ ମିଶ୍ର ପ୍ରବନ୍ଧ ଓ ଆଲୋଚନା କ୍ଷେତ୍ରରେରେ ବେଶ୍ ସଫଳତା ଅର୍ଜନ କରି ପାରିଛନ୍ତି । ତାଙ୍କଠାରୁ ଅଧୁନାତନ ସମାଜର ପାଠକବର୍ଗ ଅନେକ କିଛି ଆଶା କରିପାରନ୍ତି ।

ଶିଶୁସାହିତ୍ୟ ରଚନାରେ କବି ଲକ୍ଷ୍ମୀଧର ମହାନ୍ତି (ମାଳାକାର), ସୈରିନ୍ଧ୍ରୀ ସାହୁ, ସମରେନ୍ଦ୍ର ନାଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ଭାସ୍କରଚନ୍ଦ୍ର ଦାସ, ପୀତାମ୍ବର ଦାସ, ଶୈଳବାଳା ବେହେରା, କାଳିକିଙ୍କର ଦାସ, ପ୍ରଶାନ୍ତ ରାଉଳ ଓ ଦିବଂଗତ ବିନୟ କୁମାର ଦାସଙ୍କ ନାମ ନିଆଯାଇପାରେ ।

ସ୍ତମ୍ଭ ଓ ଫିଚର ରଚନା କ୍ଷେତ୍ରରେ ଲକ୍ଷ୍ମୀଧର ବେହେରା, ଡ. ସୁବାସଚନ୍ଦ୍ର ପାତ୍ର, ଚୌଧୁରୀ ସତ୍ୟବ୍ରତ ନନ୍ଦ, ଚନ୍ଦନ ଷଡ଼ଙ୍ଗୀ, ଉପେନ୍ଦ୍ର ବିଶ୍ୱାଳ ,କୁଳମଣି ବାରିକ, ସତ୍ୟଶିବ ଦାସ, ସୃଷ୍ଟିଧର ପରିଡା, ଜିତେନ୍ଦ୍ର ନାଥ ପଟ୍ଟନାୟକ, ଅର୍ଜୁନ କର, ସର୍ବେଶ୍ୱର ଦାସ, କାଳୀପଦ ପଣ୍ଡା, ଚନ୍ଦ୍ରମୋହନ ମହାପାତ୍ର, କାଳୀପଦ ପଣ୍ଡା, କୁମାର ଗୋପାଳ, ପ୍ରଦୀପ୍ତ ମିଶ୍ରଙ୍କ ନାମ ସ୍ମରଣଯୋଗ୍ୟ ।

ବ୍ୟଙ୍ଗ ରଚନାରେ ଲକ୍ଷ୍ମୀକାନ୍ତ ତ୍ରିପାଠୀ (ନଖିଆ ତିଆଡ଼ି), ଅଞ୍ଜନ ଚାନ୍ଦ, ଦୀପକ ବୋଷ, ବ୍ରହ୍ମ ରଥ, ପ୍ରଭାକର ସାହୁ, ପଦ୍ମଲୋଚନ ପ୍ରଧାନ, ରାମଚନ୍ଦ୍ର ମାଝି ନିଜ ନିଜର ଉଲ୍ଲେଖନୀୟ ସ୍ଥାନ ଅଧିକାର କରିପାରିଛନ୍ତି ।

ନାଟ୍ୟ ସାହିତ୍ୟ କ୍ଷେତ୍ରରେ ବିଜୟ ମିଶ୍ର, ବ୍ରଜ ମୋହନ ଦାସ, କୁଞ୍ଜ ରାୟ, କାର୍ତ୍ତିକେଶ୍ୱର ପାତ୍ର, ଶିଶିର କୁମାର ପ୍ରାମାଣିକ, ଆଶିଷ କୁମାର ଚକ୍ରବର୍ତ୍ତୀ, ପ୍ରଦୀପ ଭୌମିକ, ପୁରୁଷୋତ୍ତମ ଭୂୟାଁ, ହେମେନ୍ଦ୍ର ମହାପାତ୍ର, ଗୌରୀ ଶଙ୍କର ସାହାଣୀ, ମାଧବ ଚନ୍ଦ୍ର ପରିଡା, ରତିଶ ମହାନ୍ତି, ପୀତାମ୍ବର ଦାସ, ଅଶୋକ କୁମାର ପଣ୍ଡା, କୁମାର ଗୋପାଳ ଜଣେ ଜଣେ ବହୁ ଚର୍ଚ୍ଚିତ ନାଟ୍ୟକାର ।

ଚଳଚ୍ଚିତ୍ର ପତ୍ରିକା ସମ୍ପାଦନା କ୍ଷେତ୍ରରେ ବାଲେଶ୍ୱରର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ଚଳଚ୍ଚିତ୍ରର କାହାଣୀକୁ ନେଇ ଫିଚରଧର୍ମୀ ଆଲେଖ୍ୟ ପ୍ରକାଶ କରିବା ଦିଗରେ ମାଧବ ଚନ୍ଦ୍ର ପରିଡା, ସମରେନ୍ଦ୍ର ମହାପାତ୍ର ଏବଂ ରମାକାନ୍ତ ଦାସଙ୍କ ଅବଦାନକୁ ଓଡ଼ିଆ ଜାତି କେବେ ବି ବିସ୍ମରି ପାରିବେ ନାହିଁ । ଚଳଚ୍ଚିତ୍ର ଓ ସାହିତ୍ୟକୁ କେନ୍ଦ୍ର କରି ଏଇମାନେ ପତ୍ରିକା ସମ୍ପାଦନା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି ।

ଫକୀର ମୋହନ ଯୁଗ (ସମ୍ବାଦ ବାହିକା) ପ୍ରକାଶନର ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ ବିଂଶ ଶତାବ୍ଦୀର ସତୁରୀ ଦଶକରୁ ଏକବିଂଶ ଶତାବ୍ଦୀ ଚଳମାନ ସମୟ ପର୍ଯ୍ୟନ୍ତ ସାହିତ୍ୟ ପତ୍ରିକା ସମ୍ପାଦନା କ୍ଷେତ୍ରରେ ବାଲେଶ୍ୱର ମଧ ତମାମ ରାଜ୍ୟରେ ଏକ କୀର୍ତ୍ତି ସ୍ତମ୍ଭ ସ୍ଥାପନ କରିପାରିଛି । ବାଲେଶ୍ୱରରୁ ପ୍ରକାଶ ପାଇଥିବା ଓ ପ୍ରକାଶ ପାଉଥିବା 'ଯୁଗଭେରୀ' ଏବଂ 'ହାତୁଡି' ପତ୍ରିକା ଦ୍ୱୟର ସମ୍ପାଦକ ସ୍ୱର୍ଗତ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ, 'ଆହ୍ୱାନ' ପତ୍ରିକାର ସମ୍ପାଦକ ରାଧାରଂଜନ ପଟ୍ଟନାୟକ, 'ଯାଯାବର'ର ସମ୍ପାଦକ ରତିକାନ୍ତ ଏବଂ ପ୍ରଦୀପ୍ତ ଦାସ, ପୂର୍ବାଶାର ସମ୍ପାଦିକା ଡ.ମାଧାବୀ ନାୟକ , 'ବାର୍ତ୍ତଉର୍ମି'ର ସମ୍ପାଦକ ସ୍ୱର୍ଗତ ଭବେନ୍ଦ୍ର ନାଥ ମହାପାତ୍ର 'ଗପବହି'ର ସମ୍ପାଦକ ଅଭୟ ଦାସ , ପ୍ରଥମ 'ସାଗରିକା'ର ସମ୍ପାଦକ ସୃଷ୍ଟିଧର ପରିଡା, ସମ୍ପ୍ରତି 'ସାଗରିକା'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, 'ଝର୍ଣ୍ଣା' ର ସମ୍ପାଦକ ସମରେନ୍ଦ୍ର ନାଥ ମହାପାତ୍ର 'ଅକ୍ଷାଂଶ' ର ସଂପାଦକ ଡ.ହରିଶ୍ଚନ୍ଦ୍ର ବେହେରା , ପ୍ରଥମ 'ଯୁଗଶ୍ରୀ'ର ସମ୍ପାଦିକା ସ୍ୱର୍ଗତା ଡା.ରାଧାଦେବୀ, ସମ୍ପ୍ରତି 'ଯୁଗଶ୍ରୀ ଯୁଗନାରୀ' ର ସମ୍ପାଦିକା ମମତା ମହାପାତ୍ର, 'ପରିଚୟ'ର ସମ୍ପାଦିକା ଅରୁଣା ରାୟ 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା , 'ଏକକ' ପତ୍ରିକାର ସମ୍ପାଦକ ଶୁଭେନ୍ଦୁ ମୋହନ ଦାସ, 'ଅଳକାନନ୍ଦା'ର ସମ୍ପାଦକ ବାଞ୍ଛାନିଧି ଦାସ, 'ଅତଏବ' ପତ୍ରିକାର ସମ୍ପାଦକ ଡ.ରାଧାରଂଜନ ପଟ୍ଟନାୟକ ଏବଂ ଉମେଶ ଚନ୍ଦ୍ର ବାରିକ 'ସମୟଚକ୍ର'ର ସମ୍ପାଦକ ସର୍ବେଶ୍ୱର ଦାସ, 'ଅର୍ପଣ'ର ସମ୍ପାଦକ ବଂଶୀଧର ଜେନା, 'ସୃଜନାକ୍ଷର'ର ସମ୍ପାଦକ ଡ.ରାଧାରଂଜନ ପଟ୍ଟନାୟକ ଏବଂ ଡ.ବଂଶୀଧର ଚୌଧୁରୀ, 'ସୁବର୍ଣ୍ଣଶ୍ରୀ' ର ସମ୍ପାଦକ କାଳୀପଦ ପଣ୍ଡା , 'ଚନ୍ଦ୍ରଭାଗା'ର ସମ୍ପାଦକ ଶ୍ରୀଦେବ, 'ନିହାରକନ୍ୟା'ର ସମ୍ପାଦକ ସୁରଞ୍ଜନ ପାତ୍ର ଓ 'ସ୍ପନ୍ଦନ' ର ସମ୍ପାଦକ ବିପ୍ଳବ କୁମାର ମହାନ୍ତି, 'ବର୍ଷାନ୍ତ'ର ସମ୍ପାଦକ ଭରତ ଚନ୍ଦ୍ର ଦାସ ପ୍ରମୁଖଙ୍କର ବଳିଷ୍ଠ ସମ୍ପାଦନା ନିଃସନ୍ଦେହ ଓଡ଼ିଆ ପତ୍ରିକା ଜଗତକୁ ସମୃଦ୍ଧ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ପରିତାପର ବିଷୟ ବିଭିନ୍ନ କାରଣରୁ ଉଲ୍ଲେଖ କରାଯାଇଥିବା କେତୋଟି ପତ୍ରିକା ପ୍ରକାଶନ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ଏ ସବୁ ସତ୍ତ୍ୱେ ବି ବାଲେଶ୍ୱର ସାହିତ୍ୟ ପତ୍ରିକାର ଇତିହାସରେ ଏଇସବୁ ପତ୍ରିକାର ନାମ ରହିବ ନିଶ୍ଚୟ ।

ଅନୁବାଦ ସାହତ୍ୟ କ୍ଷେତ୍ରରେ କବି ବ୍ରଜନାଥ ରଥ, ପ୍ରଶାନ୍ତ କୁମାର ଦତ୍ତ ଏବଂ ବିନୟ କୁମାର ଦାସଙ୍କ ଉଦାହରଣ ଦିଆଯାଇପାରେ । ଏଇ ତମାମ ଅନୁବାଦକ ଆଜି ସିନା ଆମ ଗହଣରେ ନାହାଁନ୍ତି, ହେଲେ ତାଙ୍କର ଅନୁବାଦ କଳାକୀର୍ତ୍ତି ଏବେବି ବେଶ ପାଠକୀୟ ସ୍ୱୀକୃତି ଲାଭ କରି ଚାଲିଛି ।

ଫକୀର ମୋହନଙ୍କ ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ବାଦପତ୍ର ସମ୍ପାଦନା କ୍ଷେତ୍ରରେ ସ୍ୱର୍ଗତ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ, ଉପେନ୍ଦ୍ର ନାୟକ, ସ୍ୱର୍ଗତଃ ବିସ୍ମୟ ମହାନ୍ତି, ବିପ୍ଳବ କୁମାର ମହାନ୍ତି, ସୃଷ୍ଟିଧର ପରିଡା, ସୈରିନ୍ଧ୍ରୀ ସାହୁ, ଇଂ ଜଗଦୀଶ ମିଶ୍ର, ଅଭୟ ଦାସ ପ୍ରମୁଖ ସମ୍ପାଦକମାନେ ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।

ସାହିତ୍ୟ ବାଚକ ଭାବେ ପରଲୋକ ଗତ ଡ.ଭାଗିରଥି ନାୟକ, ଚଣ୍ଡୀ ଚରଣ କର, ଚନ୍ଦ୍ର କୁମାର ମହାନ୍ତି, ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ, ବ୍ରଜନାଥ ରଥ କେବଳ ବାଲେଶ୍ୱର ନୁହେଁ ତମାମ ରାଜ୍ୟରେ ନିଜ ବାଗ୍ମୀତାର ପରିଚୟ ଦେଇଛନ୍ତି ।

ଚଳମାନ ସମୟ ଖଣ୍ଡରେ ଡ. ପ୍ରହଲ୍ଲାଦ ଚରଣ ମହାନ୍ତି, ଶୁଭେନ୍ଦୁ ମୋହନ ଦାସ, ଡ.ରମାକାନ୍ତ ବେହେରା, ଡ.ମନ୍ମଥ ପ୍ରଧାନ, ବାଞ୍ଛାନିଧି ଦାସ , ଡ.ଅରବିନ୍ଦ ଗିରି, ଡ.ଶିରିଷ ଜେନା, ଡ.ରାଖଲ ଚନ୍ଦ୍ର ଘଡେଇ, ଡ.ସୁବାସ ଚନ୍ଦ୍ର ପାତ୍ର, ଡ.ବଂଶୀଧର ଚୌଧୁରୀ, ଡ.ରାଧାରଂଜନ ପଟ୍ଟନାୟକ, ପ୍ରଶାନ୍ତ ଦାସ, କୁଳମଣି ବାରିକ, ଉମେଶ ଚନ୍ଦ୍ର ବାରିକ, ଡ.ହରିଶ୍ଚନ୍ଦ୍ର ବେହେରା, ଡ.ମଥୁରା ନନ୍ଦ ହୋତା, ବିଜୟ ଉପାଧ୍ୟାୟ, ଡ.ଭାଗବତ ବେହେରା, ଡ.ନଟବର ପାଣିଗ୍ରାହୀ, ଅଭୟ ଦାସ, କାଳୀପଦ ପଣ୍ଡା, ସମରେନ୍ଦ୍ର ମହାପାତ୍ର, ଶ୍ରୀଦେବ, ଡ.କୁଞ୍ଜ ବିହାରୀ ଧଳ, ଡ.ଭାଗବତ ଦାସ, ଡ.ଭରତ ବେହେରା, ଡ.ଭାଗବତ ବେହେରା, ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମରେନ୍ଦ୍ର ମହାପାତ୍ର, ସୈରିନ୍ଧ୍ରୀ ସାହୁ, ଅରୁଣା ରାୟ, ଡା.ଚୌଧୁରୀ ସତ୍ୟବ୍ରତ ନନ୍ଦ, ବ୍ରଜେନ୍ଦ୍ର ଗିରି, ବିପିନ ବିଶ୍ୱାଳ, ସିନ୍ଧୁ ସେନ, ଡ.ସନ୍ତୋଷ ନାୟକ, ଡ.ଦେବାଶିଷ ପାତ୍ର, ପ୍ରଦୀପ୍ତ ମିଶ୍ର ପ୍ରମୁଖ ସାହିତ୍ୟ ବାଚକମାନେ ସାହିତ୍ୟ ବିଷୟକ ବିବିଧ ପ୍ରସଙ୍ଗ ଉପରେ ଆଲୋଚନା, ପର୍ଯ୍ୟାଲୋଚନା ଏବଂ ସମୀକ୍ଷାଦି କରି ନିଜ ଧି ଓ ଧୀଷଣାର ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି।

ଶେଷରେ ଏତିକି କୁହାଯାଇପାରେ ଏଥିରେ ବାଲେଶ୍ୱରରୁ ପ୍ରକାଶିତ ଯେଉଁ ପତ୍ର ପତ୍ରିକାର ନାମ ମୋ ପାଖରେ ନାହିଁ କିମ୍ବା ମୁଁ ଜାଣିନଥିବା ସାହିତ୍ୟିକମାନଙ୍କର ନାମ ଏଇ ସ୍ତମ୍ଭରେ ଉଲ୍ଲେଖ କରିନାହିଁ, ସେମାନେ ଯେ ସାରସ୍ୱତ ସ୍ରଷ୍ଟା ନୁହଁନ୍ତି, ଏହା କୁହା ଯାଇ ନପାରେ । ମୁଁ କେବଳ କେତେକ ନିର୍ବାଚିତ ତଥା ଚର୍ଚ୍ଚିତ ସାଧକମାନଂକର ନାମ ଉତ୍ଥାପନ କରିଛି ମାତ୍ର । ତେବେ ପରବର୍ତ୍ତୀ ସମୟରେ ଏହି ତାଲିକାରେ ଆଉ କିଛି ନାମ ଯୋଡାଯାଇ ପାରେ । ଏହାହିଁ ସତ୍ୟ, ବାଲେଶ୍ୱର ମାଟିରେ କବିଙ୍କ ସଂଖ୍ୟା ଆକଳନ କରାଯାଇ ନ ପାରେ । କାରଣ ରାତି ପାହିଲା ବେଳକୁ ନୂଆ ନୂଆ କବିଙ୍କର ଆବିର୍ଭାବ । ସେମାନଂକର ହିସାବ ରଖିବା ମଧ କଷ୍ଟସାଧ ।

॥ ନିଜ ସହ ନିଜର ସଂଳାପ ॥

କେତକ ନିର୍ଦ୍ଦିଷ୍ଟ କବି କବିତା ତ ଲେଖୁଛନ୍ତି, କିନ୍ତୁ କବିତାରେ ପ୍ରୟୋଗ କରୁଥିବା ଶବ୍ଦ ଏବଂ ଅର୍ଥ ଉଦ୍ରେକକାରୀ ଭାବନା କେବଳ ସେଇମାନଂକୁ ଜଣା । କେବଳ ପତ୍ର ପତ୍ରିକାରେ ଲେଖାଟିଏ ପ୍ରକାଶ ହୋଇଗଲେ ଯେ ତାଙ୍କ ଦେହରେ ସୃଜନଶିଳ୍ପୀର ମୋହର ଲାଗିଯିବ, ଏ କଥା କହିବା ମୂର୍ଖତା ମାତ୍ର । ଅନେକ ଅଛନ୍ତି, ଯେଉଁମାନେ ଏକାନ୍ତରେ ଚୁପଚାପ ସାହିତ୍ୟ ସାଧନାରେ ବ୍ରତୀ ରହିଛନ୍ତି । ପତ୍ରପତ୍ରିକାରେ ସେମାନେ ଲେଖାଟିଏ ପ୍ରକାଶ କରିବା ପାଇଁ ସମ୍ପାଦକଙ୍କୁ ତେଲ ମାଲିସ କରିବାକୁ କିମ୍ବା ପଠାଇବାକୁ ପସନ୍ଦ କରନ୍ତି ନାହିଁ ।

ସଲ୍ଟରୋଡ, କାଦ୍ରାବାଦ, ବାଲେଶ୍ୱର
(ମୋ) ୯୩୪୮୯୯୨୪୪୯




## ଏକାତ୍ମବୋଧ

ଅନୁସୃଜନ-ଦିବାକର ନାୟକ
ମୂଳ ହିନ୍ଦୀ-
ଡକ୍ଟର ଗୀତାଞ୍ଜଳି ରେଣୁ ଦାଶ



ତୁମେ ଏହାକୁ କହିପାର
ମୋର ଅପରିପକ୍ୱ ଅସ୍ଥିରତା
ଅବା କହିପାର ଦୁର୍ବାର ଦୁର୍ବଳତା
କିନ୍ତୁ ମୋ ହୃଦୟ ମୋତେ କରିଦେଲା
ଅନନ୍ୟୋପାୟ
ମୁଁ ମୋ ଅଜ୍ଞାତରେ ପଡ଼ିଗଲି
ତୁମରି ପ୍ରୀତିରେ ।

ଏକଦା ଲଗାମହୀନ ଥିଲା ମୋ ମନ
ଏବେ ବନ୍ଦୀ ହେଇଗଲା ତୁମ ସ୍ନେହ
ଶିକୁଳିରେ
ଏହି ବନ୍ଦିତ୍ୱ ମଧରେ ଆନନ୍ଦରେ
ବଞ୍ଚିବାର ଏତେ ସ୍ୱାଧୀନତା
ମୋତେ ଆଜି ମିଳିଗଲା
ମୋ ଅଜାଣତରେ ।

ଏବେ ମୁଁ ଚାତକ ହେଲେ ତୁମେ ମୋ
ବାଦଲ
ମୁଁ ଲୋଚନ ହେଲେ ତୁମେ ମୋ କଜ୍ଜ୍ୱଳ
ମୁଁ ଅଶ୍ରୁ ଆଉ ତୁମେ ମୋ ଅଞ୍ଚଳ
ମୁଁ ତୃଷିତ ଆଉ ତୁମେ ପବିତ୍ର
ଗଙ୍ଗାଜଳ।
ତୁମେ ଏହାକୁ ମୋର ପାଗଳପଣ
କହିପାର
କିମ୍ବା କହିପାର ଏହାକୁ ଅପ୍ରାସଙ୍ଗିକ
ପରିହାସ ।

ଏଣିକି ଯିଏ ମୋର ପରିଚୟ ପଚାରେ
ମୁଁ ତାଙ୍କୁ କ'ଣ କହେ ଜାଣ ?
ମୁଁ ତୁମରି ପରିଚୟ ହିଁ ଦେଇଦିଏ
ଏବଂ ସେ ପରିଚୟରେ
ମୁଁ ଉପଲବ୍ଧି କରେ
ଅପୂର୍ଣ୍ଣ ଜୀବନରେ ପରିପୂର୍ଣ୍ଣତା
ଅଖଣ୍ଡ ଉତ୍ତାପରେ ଶୀତଳତା
ଅସରନ୍ତି ବିରହରେ ମିଳନର ମଧୁରତା
ଆଉ
ନିରୀହ ନିଃସଙ୍ଗତା ମଧରେ
ଏକାତ୍ମବୋଧର ସ୍ୱର୍ଗୀୟ ତୃପ୍ତି ।

ପାଟପୁର, କନିସି, ଗଞ୍ଜାମ
ମୋ- ୯୯୩୮୬୧୯୯୮୧

## ଏ ସଂସାର ଅଧିକ ଦିଶିବ ସୁନ୍ଦର

ଭାଗୀରଥି ସାଗର

ଫୁଲ ଭଳି ସୌନ୍ଦର୍ଯ୍ୟତା
ମହକତା, କୋମଳତା, ଆକୃଷ୍ଟତା
ଭରିଛି ଏ ମହାନ୍ ଆତ୍ମା ଦେହେ।
ଏ ସଂସାର ପୃଷ୍ଠେ
ଭଗିନୀ, ଜାୟା, ଜନନୀ, ମାନିନୀ
ରୂପେ ବିରାଜିତା, ଭିନ୍ନ ଭିନ୍ନ ରୂପ
ଲାବଣ୍ୟ, ଭିନ୍ନ ଭିନ୍ନ ରଙ୍ଗର ବସ୍ତ୍ରରେ
ଶୋଭିତା ଏ ନମସ୍ୟ ଆତ୍ମା
ସମୂହ,କସମେଟିକ୍ ଓ ଅଳଙ୍କାର ତ
ଏ ବନ୍ଦନୀୟା ଅବତାରର ଭୂଷଣ,
ଏଇଥି ପାଇଁ ବନ୍ଧୁ !
ତମେ କ'ଣ ଚିହ୍ନି ପାରୁନ କିଏ ମାଆ,
କିଏ ଭଗ୍ନୀ, କିଏ ନିଜ ଝିଅ, ପୁଣି
କିଏ ନିଜ ଛାତ୍ରୀଭଳି,
ତମ ଲୋଲୁପ ଆଖି ସଭିଏଙ୍କୁ ଦେଖେ
କେଉଁ ଢଙ୍ଗରେ ତାହା ମୁଁ ଜାଣିଛି ଠିକ୍
ଭାବରେ, ସଠିକତାରେ। ଯେତେଥର
ମୁଁ ସାଙ୍ଗ ହେଇଛି ତମ ସହ,
ଏ ମହାନ୍ ହୃଦୟମାନଙ୍କ
ଖିଲି ଖିଲି ସୌନ୍ଦର୍ଯ୍ୟ ସଭିଙ୍କୁ ସ୍ନେହ
ବାଣ୍ଟୁ ଥିବା ମନ ତମକୁ ଦେଖା
ଯାଏନି, ଆଉ ଏହାରି ପରିବର୍ତ୍ତେ ତମ
ନଜର ଦେଖେ, ମନ ଭାବେ
ସଭିଏ ରମ୍ଭା, ମେନକା,
ଉର୍ବଶୀ ଓ ଆଜିର
ଅର୍ଚ୍ଚନା ଭଳି କିନ୍ତୁ ମନେ ରଖ, ଏ
ସୃଷ୍ଟିମୟୀ ଗୋଷ୍ଠିର ସମସ୍ତେ ତୁମ ମନ
ଭାବ ଭଳି ନୁହନ୍ତି ଟିକିଏ ଏ
କଲ୍ୟାଣମୟୀ ଆତ୍ମାମାନଙ୍କୁ ସମ୍ମାନ
ଦେବା ଶିଖ ଆଉ ତମ ମନ
ଭାବନାକୁ ଟିକିଏ ବଦଳାଇ ଦିଏ, ଏ
ସଂସାର ତମକୁ ଆହୁରି ଅଧିକା
ସୁନ୍ଦର ଦିଶିବ।

ଜୁନାଗଡ଼,କଳାହାଣ୍ଡି
ମୋ: ୯୩୩୭୬୨୪୮୯୯

## ଶୀତ ଶୀତ ଗୀତ ଗୀତ

ନୀଳମଣି ଚାନ୍ଦ



ଶୁଣିଛ କି କେବେ ଏ ଅବସରରେ
ସମୟର ପଦ୍ମତୋଳା
ମାଘର ଗାଆଁରେ ସାପୁଆ କେଳା ସେ
କରଇ ତା ସାପ ଖେଳା।

ଆଣିଛି କୁହୁଡି କାକର ଜାଡର
କେତେ କିସମର ସାପ
କିଏ ବିଷଧର କିଏ ଭୟଙ୍କର
ନୁହେଁ ମିଛ ନୁହେଁ ଗପ।

ସିଏ ଡରିଯାଏ କମ୍ବଳ ରେଜେଇ
ଶାଲ୍ ର ନାଆଁ ଶୁଣି
ପଚାର ଜାଣେ କି କିଏ ଆସିଦେଲା
ମୁକୁତା ଟୁକୁଡା ବୁଣି।

ଶୀତ ବଡ଼ ରାତି ସ୍ୱପ୍ନ ବୋଇତ
ଦିଅରେ ଭସେଇ ଦିଅ
ସିଏ ଗପିବାକୁ ଆଦରରେ ଡାକେ
ସୋରିଷ ଫୁଲର ଝିଅ।

ଶୀତ ଶୀତ ପରି ବାରି ହୋଇପଡେ
ଆର ପାଞ୍ଚ ଋତୁଠାରୁ
ସିଏ ମୋନାଲିସା ଅବାରେ ମୋନିକା
ସେ ଦେବଦାସର ପାରୁ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ପିଲାମାନେ ଖାଇବାକୁ ହଇରାଣ କରୁଛନ୍ତି କି... ଏହି ନଖରାମୀକୁ ଏଡାଇବା ପାଇଁ ୬ଟି ଉପାୟ

**ବିଶେଷକରି ଖାଇବା ସମୟରେ ବାପାମାଆଙ୍କ ପାଇଁ ଛୋଟ ପିଲାମାନଙ୍କ ନଖରାମୀକୁ ପରିଚାଳନା କରିବା କଷ୍ଟକର ହୋଇପଡେ। ଏଭଳି ପରିସ୍ଥିତିରେ ପିଲା ଖାଇବା ବେଳେ ପ୍ରାୟ ପାଟି ବନ୍ଦ କରିଦିଅନ୍ତି। ସେମାନଙ୍କ ଏହି ନଖରାମୀକୁ ଏଡାଇବା ପାଇଁ ଜାଣନ୍ତୁ ୬ଟି ଉପାୟ।**

ସାଧାରଣତଃ ପିଲାମାନେ ପ୍ରତ୍ୟେକ ଛୋଟ ଛୋଟ କଥାକୁ ନେଇ ନଖରାମୀ ଦେଖାନ୍ତି। ବିଶେଷକରି ଖାଇବା ସମୟରେ ବାପାମାଆଙ୍କ ପାଇଁ ଛୋଟ ପିଲାମାନଙ୍କ ନଖରାମୀକୁ ପରିଚାଳନା କରିବା କଷ୍ଟକର ହୋଇପଡେ। ଏଭଳି ପରିସ୍ଥିତିରେ ପିଲା ଖାଇବା ବେଳେ ପ୍ରାୟ ପାଟି ବନ୍ଦ କରିଦିଅନ୍ତି।

ଏହି ସମୟରେ, ଯଦି ଖାଦ୍ୟକୁ ଜବରଦସ୍ତ ଖାଇବାକୁ ଦିଆଯାଏ, ପିଲାଟି କାନ୍ଦିବା ଆରମ୍ଭ କରେ। ଏଭଳି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ବେବି ଡେଷ୍ଟିନେସନ୍ ଅନୁଯାୟୀ ଆପଣ କିଛି ସହଜ ଉପାୟରେ ପିଲାମାନଙ୍କର ଏହି ନଖରାମୀକୁ ଏଡାଇ ପାରିବେ।

### ନିୟମ ସ୍ଥିର କରନ୍ତୁ:

ଯଦି ଆପଣଙ୍କର ପିଲା ୧୨ ମାସର ତେବେ ଆପଣ ତାଙ୍କ ପାଇଁ କିଛି ଖାଇବା ନିୟମ ସ୍ଥିର କରିପାରିବେ। ନିୟମଗୁଡ଼ିକ ଅତି ସରଳ ହେବା ଉଚିତ, ଯାହା ପିଲାମାନେ ବୁଝିପାରିବେ। ଉଦାହରଣ ସ୍ୱରୂପ, ଯଦି ପିଲା ଖାଇବା ବେଳେ ଖାଦ୍ୟ ଫୋପାଡ଼ିଥାଏ ତେବେ ଏକ ଦଣ୍ଡ ଭାବରେ ଆପଣ ପିଲାଙ୍କ ପାଖରୁ କିଛି ସମୟ ପାଇଁ ଖାଦ୍ୟ ନେଇଯାଆନ୍ତୁ। ଅଧ ଘଣ୍ଟା ପରେ ପୁଣି ପିଲାକୁ ଖାଇବାକୁ ଦେବାକୁ ଚେଷ୍ଟା କରନ୍ତୁ। ଏହା ସହିତ ପିଲା ଖାଦ୍ୟ ଫିଙ୍ଗିବାର ଅଭ୍ୟାସ ଛାଡିଦେବ।

### ଖାଦ୍ୟ ପ୍ଲେଟ୍ ସଜାଇବା:

ପିଲାମାନେ ପ୍ରତିଦିନ ସମାନ ପାତ୍ର ଦେଖିବାରେ ବିରକ୍ତ ହୁଅନ୍ତି ଏବଂ ଖାଇବା ଦେଖିଲେ ଦୌଡନ୍ତି। ଏଭଳି ପରିସ୍ଥିତିରେ, ପିଲାମାନଙ୍କ ଖାଇବା ବାଢ଼ିବା ବେଳେ କିଛି ଅଭିନବ ପ୍ରଣାଳୀ ଗ୍ରହଣ କରିପାରିବେ। ଯେପରିକି ରଙ୍ଗୀନ ପନିପରିବା ସହିତ ପ୍ଲେଟକୁ ସଜାଇବା, ଖାଦ୍ୟକୁ ବିଭିନ୍ନ ଆକାରରେ ରଖିବା ଏବଂ ଥାଳି ସଜାଇବା ଭଳି କିଛି ପଦ୍ଧତି ଆପଣ ଗ୍ରହଣ କରି ପିଲାମାନଙ୍କର ଖାଦ୍ୟ ପ୍ରତି ଆଗ୍ରହ ବଢାଇ ପାରିବେ।

### ଜିଦିକୁ ମାନନ୍ତୁ ନାହିଁ:

ଅନେକ ଥର ଅଭିଭାବକମାନେ ନିଜ ପିଲାମାନଙ୍କର ନଖରାମୀ ଦେଖି ଆତ୍ମସମର୍ପଣ କରନ୍ତି ଏବଂ ସେମାନଙ୍କୁ ଖାଇବାକୁ ଦେବା ପରିବର୍ତ୍ତେ, ସେମାନଙ୍କର ସମସ୍ତ ଜିଦିରେ ରାଜି ହୋଇଯାଆନ୍ତି। କିନ୍ତୁ ଏହା ପିଲାମାନଙ୍କୁ ବିଗାଡି ପାରେ। ଏପରି ପରିସ୍ଥିତିରେ ପିଲାମାନେ ସେମାନଙ୍କର ଇଚ୍ଛାକୁ ପୂରଣ କରିବା ପାଇଁ ବାପାମାଆଙ୍କ ସାମ୍ନାରେ କାନ୍ଦିବା ଆରମ୍ଭ କରନ୍ତି। ତେଣୁ, ପିଲାମାନଙ୍କୁ ଖାଇବାକୁ ଦେବାବେଳେ ଟିକିଏ କଠୋର ରୁହନ୍ତୁ ଏବଂ ସେମାନଙ୍କୁ କଡା କଥାରେ ବୁଝାନ୍ତୁ ଯେ କାନ୍ଦିବା କିମ୍ବା ଜିଦ୍ ଧରିଲେ ସେମାନଙ୍କର କୌଣସି ଦାବି ପୂରଣ ହେବ ନାହିଁ।

### ପିଲାକୁ ନିଜେ ଖାଇବାକୁ ଦିଅନ୍ତୁ:



ଛୋଟ ପିଲାମାନେ ହାତରେ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି। ପିଲାମାନେ ମଧ୍ୟ ବଡମାନଙ୍କୁ ଦେଖିବା ପରେ ନିଜ ହାତରେ ଖାଇବାକୁ ଭଲ ପାଆନ୍ତି। ଏପରି ପରିସ୍ଥିତିରେ, ଆପଣ କଟା ଫଳ ଏବଂ ରନ୍ଧା ପନିପରିବା ପରି ଲମ୍ବାଳିଆ ଖାଦ୍ୟ ପ୍ରସ୍ତୁତ କରି ପିଲାମାନଙ୍କୁ ଦେଇପାରିବେ। ଯାହାକୁ ସେମାନେ ସହଜରେ ନିଜ ହାତରେ ଧରି ରଖିବାରେ ସକ୍ଷମ ହେବେ ଏବଂ ଖାଇବାକୁ ଉପଭୋଗ କରିବା ଆରମ୍ଭ କରିବେ।

### ବିଭ୍ରାନ୍ତକାରୀ ଜିନିଷ ଦୂରେଇ ରଖନ୍ତୁ:

ପିଲାମାନଙ୍କୁ ଖାଇବାକୁ ଦେବାବେଳେ ସେମାନଙ୍କ ଧ୍ୟାନକୁ ଭଟକେଇବା ଭଳି ଜିନିଷ ସେମାନଙ୍କଠାରୁ ଦୂରେଇ ରଖନ୍ତୁ। କିଛି ବାପାମା ନିଜ ପିଲାମାନଙ୍କୁ ସହଜରେ ଖାଇବାକୁ ଦେବା ପାଇଁ ଫୋନ୍, ଟିଭି କିମ୍ବା ଭିଡିଓ ଗେମ୍ର ସାହାଯ୍ୟ ନିଅନ୍ତି। ଯେଉଁଥିପାଇଁ ପିଲା ଖାଇବା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇ ନଥାଏ ଏବଂ ସେ ଅଧା ପେଟ ହିଁ ଖାଇଥାଏ।

### ଖାଇବାର ସମୟ ପରିବ ର୍ନ କରନ୍ତୁ:

ସାଧାରଣତଃ ପିଲାମାନେ ପ୍ରତିଦିନ ଖାଇବା ସମୟରେ ନିର୍ଦ୍ଦିଷ୍ଟ ସମୟରେ ଭୋକିଲା ଅନୁଭବ କରନ୍ତି। ଏପରି ପରିସ୍ଥିତିରେ, ଯଦି ପିଲାମାନଙ୍କୁ ଖାଇବାକୁ ଦେବାରେ ୧୫ ମିନିଟ୍ ବିଳମ୍ବ ହୁଏ, ତେବେ ସେମାନେ ଭୋକରେ ପୀଡ଼ିତ ହୁଅନ୍ତି। ତେଣୁ, ଖାଇବା ସମୟ ପରିବର୍ତ୍ତନ କରିବା ଭଲ। ବିଶେଷକରି ଯଦି ଖାଦ୍ୟ ନିର୍ଦ୍ଧାରିତ ସମୟଠାରୁ ଟିକେ ବିଳମ୍ବରେ ଖିଆଯାଏ, ପିଲାମାନେ ଭୋକିଲା ଅନୁଭବ କରନ୍ତି ଏବଂ ସମସ୍ତ ଖାଦ୍ୟ ସହଜରେ ଖାଇଦିଅନ୍ତି।

# ଘରେ ତିଆରି କରନ୍ତୁ ଗୋଆ ପ୍ରସିଦ୍ଧ ବାଥ୍ କେକ୍

**ଆଜି ଆମେ ଘରେ ପ୍ରସ୍ତୁତ କରିବା ଗୋଆ ପ୍ରସିଦ୍ଧ ବାଥ୍ କେକ୍ । ଏହା ଖାଇବାକୁ ଯେତେ ସୁଆଦିଆ ପ୍ରସ୍ତୁତ କରିବା ବି ସେତେ ସହଜ । ଆଜି ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ।**

ଆବଶ୍ୟକ ସାମଗ୍ରୀ: ନଡ଼ିଆ, ଗୁଜରାତି, ସୁଜି, ଦହି, ଚିନି, କ୍ଷିର, କଣ୍ଡେନସ୍ଡ ମିଲ୍କ ଓ ବଟର, ବେକିଂ ପାଉଡର, ବେକିଂ ସୋଡ଼ା, ଭାନିଲା ଏସେନ୍ସ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ନଡ଼ିଆକୁ କୋରି ସେଥିରେ କିଛି ଗୁଜରାତି ଛେଚି ପକାନ୍ତୁ। ଏହାକୁ ଏକ ପାତ୍ରରେ ବାହାର କରି ସେଥିରେ ଆବଶ୍ୟକ ଅନୁଯାୟୀ ସୁଜି, ଦହି, ଚିନି, କ୍ଷିର ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ । ଏହାକୁ ୧୫ ମିନିଟ୍ ପାଇଁ ଘୋଡ଼ାଇ ଛାଡ଼ି ଦିଅନ୍ତୁ।

ଏବେ ସେଥିରେ କଣ୍ଡେନସ୍ଡ ମିଲ୍କ ଓ ବଟର ପକାଇ ଭଲ ଭାବେ ଫେଣ୍ଟନ୍ତୁ। ଏଥିସହ ବେକିଂ ପାଉଡର, ବେକିଂ ସୋଡ଼ା, ଭାନିଲା ଏସେନ୍ସ ପକାଇ ହାଲକା ଭାବେ ଗୋଳାଇ ଦିଅନ୍ତୁ।

ପରେ ଏହାକୁ ମାଇକ୍ରୋଓଭାନ ଟ୍ରେକୁ ବାହାର କରି ଦିଅନ୍ତୁ। ତାହା ଉପରେ ଡ୍ରାଏ ଫ୍ରୁଟସ୍ ସଜାଇ ଏହାକୁ ବେକ୍ କରି ଦିଅନ୍ତୁ । ବେକ୍ ହୋଇଯିବା ପରେ ତାହାକୁ ବାହାରକୁ ଆଣି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହାପରେ କାଟି କି ପ୍ଲେଟରେ ସର୍ଭ କରନ୍ତୁ।



# ଘିଅ ଅସଲି କି ନକଲି ଜାଣିବେ କିପରି ? ଜାଣନ୍ତୁ ସହଜ ଉପାୟ

ବଜାରରେ ନକଲି ସାମଗ୍ରୀ ବିକ୍ରୟ ମଧ୍ୟରେ ଗ୍ରାହକ ଏବେ ଚିନ୍ତାରେ। କେଉଁ ସାମଗ୍ରୀ କିଣିବେ, କେଉଁଟା ନୁହେଁ ସେଥିପାଇଁ ଦ୍ୱନ୍ଦ୍ୱରେ ପଡିଛନ୍ତି ଗ୍ରାହକ। 'ଘିଅ କେବେ ନଷ୍ଟ ହୁଏନି' ବୋଲି ଏକ ପ୍ରଚଳିତ ଭାବନା ଅଛି, ତଥାପି ବର୍ତ୍ତମାନ ସମୟରେ ଲୋକେ ଘିଅ କିଣିବା ବେଳେ ଦି' ଥର ଭାବୁଛନ୍ତି। କାରଣ ବଜାରରେ ଏବେ ଅପମିଶ୍ରିତ ଘିଅ ମିଳୁଛି, ଯାହା ଅବିକଳ ଅସଲି ଘିଅ ପରି। ଏପରି ସ୍ଥିତିରେ କେଉଁଟା ଅସଲି ଘିଅ ଓ କେଉଁଟା ନକଲି ଜାଣିବେ କିପରି। ଆଜିର ଏହି ଆଲେଖ୍ୟରେ ଆମେ ଆପଣଙ୍କୁ କେତୋଟି ଉପାୟ ବତାଇବୁ, ଯାହାକୁ ପ୍ରୟୋଗ କରି ନକଲିଠୁ ଦୂରେଇ ପାରିବେ...

ପଦ୍ଧତି ୧: ଟେକ୍ସଚର ପରୀକ୍ଷା

ପାପୁଲିରେ ଏକ ଚାମଚ ଘିଅ ନେଇ ଭଲ ଭାବରେ ଘଷନ୍ତୁ। ଯଦି ଘିଅ ତରଳି ଆଉଛି, ତେବେ ଜାଣନ୍ତୁ ଯେ ଏହା ଶୁଦ୍ଧ। ଯଦି ପାପୁଲିରେ କୌଣସି କଠିନ ଖଣ୍ଡ ପାଉଛନ୍ତି, ତେବେ ବୁଝିନିଅନ୍ତୁ ଘିଅରେ କୌଣସି ଯୌଗିକ ନିଶ୍ଚୟ ମିଶିଛି।

ପଦ୍ଧତି ୨: ତାପମାତ୍ରା ପରୀକ୍ଷା

ଏକ ଚାମଚ ଘିଅ ନିଅନ୍ତୁ, ଏହାକୁ ଗରମ କରନ୍ତୁ। ସମ୍ପୂର୍ଣ୍ଣ ରୂପେ ତରଳିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଯଦି ଏହା ସମ୍ପୂର୍ଣ୍ଣ ରୂପେ ତରଳି ବାଦାମୀ ରଙ୍ଗର ହୋଇଯାଉଛି, ତେବେ ଶୁଦ୍ଧ ବୋଲି ଧରି ନିଅନ୍ତୁ। ଆଉ ଯଦି ଘିଅ ତରଳିବାକୁ ଅଧିକ ସମୟ ନିଏ ଏବଂ ହଳଦୀଆ ରଙ୍ଗ ଦେଖାଯାଏ, ତେବେ ନକଲି ବୋଲି ଜାଣିରଖନ୍ତୁ।

ପଦ୍ଧତି ୩: ବୋତଲ ପରୀକ୍ଷା

ଘିଅର ଶୁଦ୍ଧତା ପରୀକ୍ଷା କରିବାର ଆଉ ଏକ ସରଳ ଉପାୟ ହେଉଛି ଏହାକୁ ଏକ ସ୍ୱଚ୍ଛ ବୋତଲକୁ ସ୍ଥାନାନ୍ତର କରିବା ଏବଂ ଏଥିରେ କିଛି ଚିନି ମିଶାଇବା। ପ୍ରଥମେ ଏକ ବୋତଲରେ କିଛି ଘିଅ ନିଅନ୍ତୁ ଏବଂ ଏଥିରେ ଚିନି ପକାନ୍ତୁ। ଏହାପରେ ଠିପି ବନ୍ଦ କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। କିଛି ସମୟ ବ୍ୟବଧାନ ପରେ ଯଦି ବୋତଲ ତଳେ କୌଣସି ଲାଲ୍ ରଙ୍ଗର ଜମାଟ ଦେଖୁଛନ୍ତି, ତେବେ ଏହା ଅପମିଶ୍ରିତ ହୋଇଛି।




# ଆପଣାନ୍ତୁ ଏହିସବୁ ଖାଦ୍ୟ : ରହିବନି ଲିଭରରେ ତ୍ରୁଟି

ଶରୀରକୁ ସୁସ୍ଥ ରଖିବା ପାଇଁ ଲିଭର ବା ଯକୃତ ସୁସ୍ଥ ରହିବା ନିହାତି ଜରୁରୀ, କାରଣ ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ବର୍ଜ୍ୟ ପଦାର୍ଥ ନିଷ୍କାସନ କରି ସୁସ୍ୱାସ୍ଥ୍ୟ ବଜାୟ ରଖିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ଯକୃତ ଶରୀରରେ ଭିଟାମିନ୍, କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ସଂରକ୍ଷଣ ଭାବରେ କାମ କରେ। କିନ୍ତୁ ଆଜିକାଲିର, ବ୍ୟସ୍ତବହୁଳ ରୁଟିନ୍ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସ ଯକୃତକୁ ପ୍ରଭାବିତ କରୁଛି। ତେଣୁ ଆମର ଖାଦ୍ୟ ଅଭ୍ୟାସ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ଯକୃତକୁ ସୁସ୍ଥ ରଖିବା ପାଇଁ କେଉଁସବୁ ଖାଦ୍ୟ ଅତ୍ୟନ୍ତ ଲାଭଦାୟକ, ଜାଣନ୍ତୁ...



**ଗାଜର:** ଯକୃତକୁ ସୁସ୍ଥ ରଖିବା ପାଇଁ ଗାଜର ବେଶ୍ ଉପକାରୀ। ଏଥିରେ ପ୍ରଚୁର ପରିମାଣରେ ବିଟା କାରୋଟିନ୍, ଭିଟାମିନ୍-ଏ, ଭିଟାମିନ୍-ସି, ଆଇରନ୍ ଏବଂ ମ୍ୟାଗ୍ନେସିୟମ୍ ଥାଏ। ଏହା ବ୍ୟତୀତ ଏଥିରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ମିଳିଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

**ଅଞ୍ଜୀର:** ଯକୃତ ସ୍ୱାସ୍ଥ୍ୟ ପାଇଁ ଅଞ୍ଜୀର ସର୍ବୋତ୍ତମ ଉପାଦେୟ। ଏଥିରେ କ୍ୟାଲସିୟମ୍, ଆଇରନ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବର ମିଳିଥାଏ। ନିୟମିତ ଭାବେ ଅଞ୍ଜୀର ସେବନ କଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୃଢ ହୋଇଥାଏ।

**ଅଙ୍ଗୁର:** ଯକୃତ ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍-ସି ଅତ୍ୟନ୍ତ ଜରୁରୀ। ଅଙ୍ଗୁରରୁ ଭିଟାମିନ୍-ସି ପ୍ରଚୁର ପରିମାଣରେ ମିଳିଥାଏ।

**ତରଭୁଜ:** ଯକୃତକୁ ସୁସ୍ଥ ରଖିବା ପାଇଁ ତରଭୁଜ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କାରଣ ତରଭୁଜ ଯକୃତକୁ ଡିଟକ୍ସିଫାଏ କରିଥାଏ ଏବଂ ତରଭୁଜ ଖାଇବା ଦ୍ୱାରା ଶରୀର ହାଇଡ୍ରେଟ୍ ରହିଥାଏ।

**ରସୁଣ:** ରସୁଣ ଯକୃତ ପାଇଁ ବେଶ୍ ଲାଭଦାୟକ। ସକାଳେ ଖାଲି ପେଟରେ ରସୁଣ ଖାଇ ପାରିବେ। ଏହାକୁ ଖାଇବା ଦ୍ୱାରା ଶରୀରରୁ ବର୍ଜ୍ୟ ପଦାର୍ଥ ନିଷ୍କାସିତ ହୋଇଥାଏ। ଏହା ବ୍ୟତୀତ ରସୁଣକୁ ନିୟମିତ ଖାଇବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

# ଆପଣ ପ୍ରେମରେ ଭାଙ୍ଗି ପଡିଛନ୍ତି କି; ଜାଣନ୍ତୁ କିପରି ନିଜକୁ ସମ୍ଭାଳିବେ ?

ଆପଣ ଯଦି ପ୍ରେମରେ ବିଫଳ ହୋଇଛନ୍ତି, ଆପଣଙ୍କ ହୃଦୟ ଯଦି ପ୍ରେମରେ ଭାଙ୍ଗି ଯାଇଛି ତେବେ ନିଜକୁ ସମ୍ଭାଳିବା ଆବଶ୍ୟକ। ଏଥିରୁ ବାହାରିବା ପାଇଁ କିଛି ସମୟ ଲାଗିବ, କିନ୍ତୁ ଆପଣ ଏଥିରୁ ବାହାରି ପାରିବେ। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା।

ଆଜିର ସମୟରେ, ପ୍ରେମ ଏପରି ଏକ ଜିନିଷ, ଯେତେବେଳେ ଚାଲିଥାଏ ସବୁକିଛି ଠିକଠାକ୍ ଥାଏ, କିନ୍ତୁ ଯେତେବେଳେ ବ୍ରେକଅପ୍ ହୋଇଯାଏ, ସେତେବେଳେ ଦୂରତା ବଢିବା ସହିତ ହୃଦୟ ମଧ୍ୟ ଗଭୀରଭାବେ ଆଘାତ ପାଇଥାଏ। ଲାଗେ ଯେପରି ସେହି ବ୍ୟକ୍ତି ଦୂରେଇଯିବା ପରେ ସତେ ଯେମିତି ଏ ଦୁନିଆଁ ଶେଷ ହୋଇଗଲା। ସେହି ସମୟରେ ଲାଗେ ଯେମିତି ପରିବାର, ସମ୍ପର୍କୀୟ ଏବଂ ବନ୍ଧୁବାନ୍ଧବ କିଛି ନୁହେଁ। ସେମାନେ ଯନ୍ତ୍ରଣାକୁ ବୁଝିପାରିବେ ନାହିଁ।

ଯଦି ଆପଣ ମଧ୍ୟ ଏପରି କିଛି ଘଟଣାର ସମ୍ମୁଖୀନ ହୋଇଛନ୍ତି, ଆପଣଙ୍କ ହୃଦୟ ଯଦି ପ୍ରେମରେ ଭାଙ୍ଗି ଯାଇଛି ତେବେ ନିଜକୁ ସମ୍ଭାଳିବା ଆବଶ୍ୟକ। ଏଥିରୁ ବାହାରିବା ପାଇଁ କିଛି ସମୟ ଲାଗିବ, କିନ୍ତୁ ଆପଣ ଏଥିରୁ ବାହାରି ପାରିବେ। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା।

### ଭାରତୀୟ ସଂସ୍କୃତିରେ ପ୍ରେମ:

ଆଉ କିଛି ଦିନ ପରେ ଭାଲେଣ୍ଟାଇନ୍ସ ଡେ'। ଏହା ପାଶ୍ଚାତ୍ୟ ସଂସ୍କୃତିର ପ୍ରତୀକ, କିନ୍ତୁ ଭାରତୀୟ ସଂସ୍କୃତିରେ ବର୍ଷକ ୧୨ ମାସ ପ୍ରେମର ଦିନ। ଏହା ନୁହେଁ ଯେ କେବଳ ଭାଲେଣ୍ଟାଇନ୍ସ ଡେ'ରେ



ପୁଅ କିମ୍ବା ଝିଅମାନେ ପରସ୍ପରକୁ ପ୍ରସ୍ତାବ ଦେବା ଉଚିତ। ଅନ୍ୟ ଦିନରେ ମଧ୍ୟ କଥା ହୋଇପାରନ୍ତି କାରଣ ସେହି ସମୟରେ ତାଙ୍କର ଧାରଣା ଭିନ୍ନ ହୋଇପାରେ।

ଆଜିର ପିଢି କିନ୍ତୁ ଏହାକୁ ଏକ ଭିନ୍ନ ଦୃଷ୍ଟିକୋଣରେ ଦେଖନ୍ତି। ପ୍ରାୟତଃ ଲୋକମାନେ ପ୍ରେମକୁ ସଫଳତା ଏବଂ ବିଫଳତାର ବିଷୟ ଭାବରେ ବିବେଚନା କରନ୍ତି, କିନ୍ତୁ ଏହା ହେବା ଉଚିତ ନୁହେଁ। ପ୍ରେମରେ ବିଫଳତା ବୋଲି କିଛି ନ ଥାଏ। ପ୍ରେମ କେବଳ ପ୍ରେମ ହୋଇଥାଏ ଯଦି ଏହାକୁ ପ୍ରକୃତ ମନରେ କରାଯାଏ।

### ପ୍ରେମ ଶାରୀରିକ ଆକର୍ଷଣ ନୁହେଁ:

ଯଦି ଯୁବ ପିଢି ଶାରୀରିକ ଆକର୍ଷଣକୁ ପ୍ରେମ ବୋଲି ଭାବନ୍ତି ତେବେ ଏହା ଭୁଲ। ପ୍ରେମ ହେଉଛି ମନର ଏକ ଆବେଗ। ଯଦି ଜଣେ ପ୍ରେମରେ ବିଫଳ ହୁଏ, ସେ ଯଦି ପ୍ରକୃତ ମନରେ ପ୍ରେମ କରୁଥାଏ ତେବେ ନିଜକୁ ଉତ୍ସାହିତ କରି ନିଜ ପ୍ରେମକୁ ଫେରାଇ ଆଣିପାରିବ।

ଯଦି ଜଣେ ଭାବିନିଏ ଯେ ନିଜ ହୃଦୟ ଭାଙ୍ଗି ଯାଇଛି ତେବେ ସେମାନଙ୍କ ପାଇଁ ଆଉ କୌଣସି ବିକଳ୍ପ ନାହିଁ। ଏହା ଡିପ୍ରେସନ୍ର କାରଣ ହୋଇପାରେ।

### ଜୀବନର ଲକ୍ଷ୍ୟ ସ୍ଥିର କରନ୍ତୁ:

ଆପଣ ଯଦି ପ୍ରେମରେ ବିଫଳ ହୋଇଛନ୍ତି ତେବେ ପ୍ରଥମେ ନିଜ ଲକ୍ଷ୍ୟ ସ୍ଥିର କରିବା ଉଚିତ। ପାଠପଢା ହେଉ କିମ୍ବା ଅନ୍ୟ କୌଣସି କ୍ଷେତ୍ର, ଏଥିରେ ଧ୍ୟାନ ଦେବା ଜରୁରୀ। ଏହା ବ୍ୟତୀତ, ଯଦି ଆପଣ ତାଙ୍କୁ ଭୁଲିଯିବାକୁ ସକ୍ଷମ ନୁହଁନ୍ତି, ତେବେ ଆପଣ ଆସନ, ପ୍ରାଣାୟାମ, ଧ୍ୟାନ କରିପାରିବେ କିମ୍ବା ମନୋବିଜ୍ଞାନୀଙ୍କଠାରୁ ପରାମର୍ଶ ମଧ୍ୟ ନେଇପାରିବେ।



ଏହି ଚାପକୁ ଦୂର କରିବା ପାଇଁ, ପରିବାର ଏବଂ ସାଙ୍ଗମାନଙ୍କ ସହିତ ସମୟ ବିତାନ୍ତୁ, ପ୍ରାକୃତିକ ପରିବେଶ ଭରା ସ୍ଥାନକୁ ବୁଲିବାକୁ ଯାଆନ୍ତୁ, ନୂଆ ସ୍ଥାନଗୁଡିକ ଅନୁସନ୍ଧାନ କରନ୍ତୁ। ନିଜକୁ କିଛି ନା କିଛି କାମରେ ବ୍ୟସ୍ତ ରଖନ୍ତୁ। ଏହା କରିବା ଦ୍ୱାରା ଆପଣ ଚାପମୁକ୍ତ ଅନୁଭବ କରିବେ ଏବଂ ଜୀବନରେ ଆଗକୁ ବଢିବାର ସୁଯୋଗ ପାଇବେ।

# ପରିବର୍ତ୍ତିତ ବିଶ୍ୱରେ ହିନ୍ଦୀଭାଷାର ପ୍ରାଧାନ୍ୟ ପ୍ରଣିଧାନ ଯୋଗ୍ୟ: କୁଳପତି

କୋରାପୁଟ, ୦୬/୨ (ନି,ପ୍ର): ସ୍ଥାନୀୟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ହିନ୍ଦୀ ମହୋତ୍ସବ ପାଳିତ ହୋଇଯାଇଛି। ସମଗ୍ର ବିଶ୍ୱରେ ହିନ୍ଦୀର ପ୍ରଚାର, ପ୍ରସାର ଓ ବ୍ୟାପ୍ତି ପାଇଁ ସମ୍ପ୍ରତି ଏଭଳି କାର୍ଯ୍ୟକ୍ରମ ସମଗ୍ର ଦେଶ ତଥା ବିଦେଶରେ ପାଳିତ ହୋଇଆସୁଅଛି। ଗତ ଜାନୁଆରି ୧୦ ତାରିଖରେ ସମଗ୍ର ବିଶ୍ୱବ୍ୟାପୀ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଚକ୍ରଧର ତ୍ରିପାଠୀ ବିଶେଷତଃ ହିନ୍ଦୀର ପ୍ରସାର ଓ ବିକାଶ ନେଇ ବେଶ୍ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଛନ୍ତି। ସେଥିମାଧରେ 'ହିନ୍ଦୀ ସ୍ୱାକ୍ଷରତା ଅଭିଯାନ' ଅନ୍ୟତମ ଅଟେ। ସମ୍ପ୍ରତି ହିନ୍ଦୀ ସ୍ୱାକ୍ଷରତା ନେଇ ପ୍ରାରମ୍ଭିକ ସ୍ତରରେ ସମଗ୍ର ବିଶ୍ୱବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ପାଞ୍ଚଟି ପୋଷ୍ୟଗ୍ରାମରେ ହିନ୍ଦୀ ସ୍ୱାକ୍ଷରତା ଅଭିଯାନ ନେଇ କାର୍ଯ୍ୟ ତ୍ୱରାନ୍ୱିତ ରହିଛି। ୨୦୨୪ ମସିହାର ବିଶ୍ୱ ହିନ୍ଦୀ ଦିବସର ସ୍ଲୋଗାନ ଥିଲା 'ହିନ୍ଦୀ ପାରମ୍ପରିକ ଜ୍ଞାନଠାରୁ କୃତ୍ରିମ ବୁଦ୍ଧିମତ୍ତା ପର୍ଯ୍ୟନ୍ତ'। ସେହି ଆଧାରରେ ଅନାନ୍ୟ କାର୍ଯ୍ୟକ୍ରମ ସହିତ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଆଲୋଚନଚକ୍ର ଆୟୋଜନ କାରାଯାଇଥିଲା।




ଏହାର ଉଦ୍‌ଘାଟନୀ ଅଧିବେଶନର ଅଧକ୍ଷତା କରିଥିଲେ ବିଶ୍ୱବିଦ୍ୟାଳୟ ସମ୍ମାନୀୟ କୁଳପତି ପ୍ର. ଚକ୍ରଧର ତ୍ରିପାଠୀ। ବିଶିଷ୍ଟ ବକ୍ତା ଭାବେ ଯୋଗଦେଇଥିଲେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟ, ପ୍ରୟାଗରାଜର ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର ପ୍ର. ରାମକିଶୋର ଶର୍ମା ଏବଂ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ ଏମ୍ରିଟସ ପ୍ରଫେସର ପ୍ର. ହରିଶଙ୍କର ମିଶ୍ର, ଅନ୍ୟତମ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ପରାମର୍ଶଦାତା ପ୍ର. ବିଭାଷ ଚନ୍ଦ୍ର ଝା ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଥିଲେ ବିଶ୍ୱବିଦ୍ୟାଳୟର ଭାଷାସମୂହର ଡିନ୍ ଏବଂ ଭାରପ୍ରାପ୍ତ କୁଳସଚିବ ଓ ବିତ୍ତଅଧିକାରୀ ପ୍ର. ନରସିଂହ ଚରଣ ପଣ୍ଡା। ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ ପ୍ର. ରାମକିଶୋର ଶର୍ମା ସ୍ୱ ଅନୁଭୂତି ଓ ଉପଲବ୍ଧିରୁ ହିନ୍ଦୀ କେତେ ସଂଘର୍ଷ ଦେଇ ଗତି କରିଛି ଏବଂ ଏବେ ମଧ କରୁଛି ବୋଲି କହିବା ସହିତ ହିନ୍ଦୀର ସାର୍ବଭୌମତ୍ୱ ଓ ସମ୍ପ୍ରସାରନଶୀଳ ପ୍ରବୃତ୍ତିର ମହତ୍ତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଉଲ୍ଲେଖ କରି ବିଶ୍ୱବିଦ୍ୟାଳୟରେ ହିନ୍ଦୀଭାଷା ନେଇ ଚାଲିଥିବା ଅଭିଯାନର ପ୍ରଶଂସା କରିଥିଲେ। ସେହିଭଳି ପ୍ର. ହରିଶଙ୍କର ମିଶ୍ର ହିନ୍ଦୀ ଭାଷା କିପରି ସମଗ୍ର ବିଶ୍ୱରେ ତାର ସ୍ୱାତନ୍ତ୍ର୍ୟକୁ ଜାହିର କରିଛି ସେହି ପ୍ରସଙ୍ଗର ଉତ୍ଥାପନ କରିବା ସହିତ ହିନ୍ଦୀର ଆଗାମୀ ଭବିଷ୍ୟତ ସମ୍ପର୍କରେ ସକରାତ୍ମକ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ର. ବିଭାଷ ଚନ୍ଦ୍ର ଝା ହିନ୍ଦୀକୁ ବୈଷୟିକତା ସହିତ ଯୋଡିଧରି ନୂତନ ବୈଜ୍ଞାନିକ କୌଶଳ ସହିତ ଆଗେଇଲେ ଏହାର ବିଶ୍ୱମୁଖୀଭାବ ଆହୁରି ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି ସୂଚିତ କରିଥିଲେ। ମୁଖ୍ୟ ସଂଯୋଜକ ଭାବେ ପ୍ର. ନରସିଂହ ଚରଣ ପଣ୍ଡା ମଧ ହିନ୍ଦୀ କିପରି ମଣିଷକୁ ଏକତ୍ରିତ କରିବା ସହିତ ଜାତୀୟତାକୁ ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି ଉଲ୍ଲେଖ କରିଥିଲେ। ଆଲୋଚନଚକ୍ରର ଅଧକ୍ଷତା କରି ସ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଚକ୍ରଧର ତ୍ରିପାଠୀ ହିନ୍ଦୀ ଆମକୁ କେବଳ ଭାରତର ଅଗ୍ରଣୀ ଭାଷା ଦୃଷ୍ଟିରୁ ନୁହେଁ; ସଂସ୍କୃତି ଦୃଷ୍ଟିରୁ ଆମକୁ ସମୃଦ୍ଧ କରିବା ସହିତ ଏକତ୍ରିତ କରିଛି ତଥା ଯାହା ଏକଦା ପ୍ରାଣର ଭାଷା ଭାବେ ଦଣ୍ଡାୟମାନ ହୋଇଥିଲା; ଆଜି ତାହା ଜ୍ଞାନ ଓ ବ୍ୟବସାୟର ଭାଷା ମଧ ହୋଇପାରିଛି। ତା ସହିତ ଏକ ବିକଳ୍ପହୀନ ଭାରତୀୟ ଭାଷାରେ ପରିବର୍ତ୍ତିତ ହୋପାରିଛି ବୋଲି ଉଲ୍ଲେଖ କରିଥିଲେ। ଆଲୋଚନଚକ୍ରରେ ବିଶ୍ୱବିଦ୍ୟାଳୟର ହିନ୍ଦୀ ସ୍ୱାକ୍ଷରତା ଅଭିଯାନର ସଂଯୋଜିକା ଡ. ନିର୍ଝରିଣୀ ତ୍ରିପାଠୀ ମଧ ଏହି ଅଭିଯାନର ରୂପରେଖ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଛାତ୍ର-ଛାତ୍ରୀମାନଙ୍କଦ୍ୱାରା ସମବେତ ସଂଗୀତ ପରିବେଷଣ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ରାଷ୍ଟ୍ରୀୟ ସଂଗୀତଦ୍ୱାରା କାର୍ଯ୍ୟକ୍ରମର ସମାପ୍ତି ଘଟିଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ରାଜଭାଷା ଅନୁଭାଗର ନିର୍ବାହୀ ଅଧିକାରୀ ପ୍ର. ହେମରାଜ ମିନା ପରିଚାଳନା କରିଥିବା ସ୍ଥଳେ ଧନ୍ୟବାଦ ଅର୍ପଣ କରିଥିଲେ ହିନ୍ଦୀ ବିଭାଗର ଅଧକ୍ଷ ଡ. ଚକ୍ରଧର ପ୍ରଧାନ।

# ଧୀରେ ଧୀରେ ଖୋଲୁଛି କନ୍ଧମାଳ ହଳଦୀର ଦୁର୍ନୀତି : ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ

କନ୍ଧମାଳ, ୦୬/୨ (ନି,ପ୍ର): ଧିରେ ଧିରେ ଖୋଲୁଛି କନ୍ଧମାଳ ହଳଦୀର ଦୁର୍ନୀତି । ଏନେଇ ଅଭିଯୋଗ କରିଛନ୍ତି ଫୁଲବାଣୀ ବ୍ଲକ ଅନ୍ତର୍ଗତ କେରେଦି ଗ୍ରାମପଂଚାୟତରେ ଥିବା ରାସିମେଣ୍ଡି, କେରେଡି, ଡ଼ାଙ୍ଗୁଲୁ ଅଂଚଳର ଚାଷୀ। କନ୍ଧମାଳ ଜିଲ୍ଲା କୃଷି ଉଦ୍ୟାନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କର ମନମୁଖୀ ଶାସନ ଫଳରେ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କର କୃଷକ ମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା ଓ ସ୍ୱତନ୍ତ୍ର ହଳଦୀ ଚାଷ ପାଇଁ ଆସୁଥିବା ବିହନ, ସବସିଡ୍ କୁ ବାଟମାରଣା କରି କୃଷକଙ୍କ ପାଖରେ ବିହନ ନ ଯୋଗେଇ ଫର୍ଯରି ଆକାଉଂଟ କରି ତାଙ୍କୁ ପ୍ରେରଣ କରି ସେମାନଙ୍କ ଠାରୁ ସବସିଡ ପଇସା କାଟି ବଳକା ଟଙ୍କାକୁ ଉଠାଇ ନେଉଛନ୍ତି । କିନ୍ତୁ, ପ୍ରକୃତ ଚାଷୀଙ୍କୁ ବିହନ ଠିକ୍ ସମୟରେ ମିଳି ପାରୁନି। ବିହନ ସାର ଓ କୃଷି ଯନ୍ତପାତି ଦେଉନାହାନ୍ତି । ପ୍ରକୃତ ଚାଷୀ ମାନଙ୍କୁ ହଳଦୀ ନ ଦେଇ ତାଙ୍କ ଆକାଉଂଟକୁ ହଜାର ହାଜର ଟଙ୍କା ପଠାଇ ସେଠାରୁ ସବସିଡ ଟଙ୍କା ଦେଇ ମୋଟା ଅଙ୍କର ବଳକା ଟଙ୍କା ଡରାଇ ଧମକାଇ କୋଟି କୋଟି ଟଙ୍କା ହଳଦୀ ଚାଷ ବାହାନାରେ କନ୍ଧମାଳରୁ ଉଦ୍ୟାନ ବିଭାଗ ଲୁଟିନେଉଛି। ସେପଟେ ସରକାରଙ୍କ ପକ୍ଷରୁ କୃଷି ପାଇଁ ସବୁ ସୁବିଧା ଯୋଗାଇ ଦିଆଯାଉଛି, କିନ୍ତୁ ଲାଭଖୋର୍ ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନେଉ ନାହାନ୍ତି । ତେଣୁ କନ୍ଧମାଳ ଜିଲ୍ଲାରେ ହଳଦୀ ଚାଷୀ ଆଜି ଦୁର୍ଦ୍ଦିନରେ ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି । କୃଷି ଉଦ୍ୟାନ ବିଭାଗ ଏବଂ କର୍ମଚାରୀଙ୍କ ଉପରେ ଦୃଢ଼ ପଦକ୍ଷେପ ନେବା ପାଇଁ କେରେଡି ପଞ୍ଚାୟତର କୃଷକ ଏବଂ ପଂଚାୟତ ବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

# ବିଷାକ୍ତ ଖାଦ୍ୟ ଖାଇ ୫୦ ଛାତ୍ରୀ ଅସୁସ୍ଥ

ଜୟପୁର, ୦୬/୨ (ନି,ପ୍ର): ବିଷାକ୍ତ ଖାଦ୍ୟ ଖାଇ ୫୦ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ୧୦ ଜଣଙ୍କ ସ୍ୱାସ୍ଥ୍ୟଅବସ୍ଥା ଗୁରୁତର ରହିଛି । ଲମତାପୁଟ କସ୍ତୁର୍ବା ଗାନ୍ଧୀ ଛାତ୍ରୀବାସରେ ରାତି ୯ ଟାରେ ଖାଦ୍ୟ ଖାଇ ଅଚାନକ ପ୍ରାୟ ୫୦ ଜଣ ଛାତ୍ରୀ ଝାଡା ବାନ୍ତି ପେଟ ବ୍ୟଥାରେ ଆକ୍ରାନ୍ତ ହୋଇଛନ୍ତି । ଖବର ପାଇ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୫ ଜଣିଆ ଡାକ୍ତରୀ ଟିମ ପହଂଚି ଚିକିତ୍ସା ଆରମ୍ଭ କରି ସମସ୍ତଙ୍କୁ ଲମତପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ସେଥି ମଧ୍ୟରୁ ୧୦ ଜଣ ଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତର ସୂଚନା ଦେଇଛନ୍ତ।

ଫୁଡ ପଇଜନ ଦ୍ୱାରା ଏହିଭଳି ଘଟଣା ଘଟିଥିବା ନେଇ ସନ୍ଦେହ କରୁଛନ୍ତି ଡାକ୍ତର। କୋରାପୁଟ ରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଛାତ୍ରୀବାସକୁ ଯାଇ ନମୁନା ସଂଗ୍ରହ କରିବା ପରେ ପ୍ରକୃତ ଘଟଣା କଣ ଜଣାପଡିବ ବୋଲି କହିଛନ୍ତି ।

# ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ପାଇଲା କୋରାପୁଟ ନୃତ୍ୟ

ଜୟପୁର, ୦୬/୨ (ନି,ପ୍ର): ନୀଳାଚଳ ପଲିଟେକନିକ୍ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ୫ ଦିବସୀୟ କନିଷ୍ଠ ରେଡ଼କ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସେବା ନିବୃତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା ଭାରତୀୟ ରେଡ କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ ପ୍ରାକ୍ତନ ଓଡିଶା ଶାଖାର ସଚିବ ମେଜର ଡ. କଳ୍ପନା ଦାସ, ମୁଖ୍ୟବକ୍ତା ଥିଲେ ଚଳଚ୍ଚିତ୍ର ଅଭିନେତା ତଥା ଓଡିଶା ଶାଖାର କମିଟି ସଭ୍ୟ ସବ୍ୟସାଚୀ ମିଶ୍ର । ସମ୍ମାନିତ ଅତିଥି ଥିଲେ ଭୁବନେଶ୍ୱର ସୃଷ୍ଟି, ଏକାଡେମୀର ଚେୟାରମ୍ୟାନ ସରୋଜ କୁମାର ସାହୁ । ପ୍ରତି ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କୋରାପୁଟର ଦଳଗତ ନୃତ୍ୟ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରକୁ ମନୋନୀତ ହୋଇଛି। ପରାମର୍ଶଦାତା ତପନ କୁମାର ପରିଡା ଓ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ୧୨ ଜଣ ଛାତ୍ରଛାତ୍ରୀ ଏହି ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍‌ର ୧୬.୫୭% ଆବଣ୍ଟନ କ୍ଷତି: ଦର ନ ବଢ଼ାଇବାକୁ ପ୍ରସ୍ତାବ

ଭୁବନେଶ୍ୱର, ୦୬/୨ (ନି,ପ୍ର): ଆସନ୍ତା ଆର୍ଥିକ ବର୍ଷ (୨୦୨୪-୨୫)ର ବିଦ୍ୟୁତ୍ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗରେ ଚାଲିଥିବା ଶୁଣାଣିରେ ଆଜି ଟିପିଡବ୍ଲୁଓଡିଏଲ୍ (ଟାଟା ପାୱାର ପଶ୍ଚିମ ଓଡ଼ିଶା ବଣ୍ଟନ ଲିମିଟେଡ୍) କରିଥିବା ବାର୍ଷିକ ରାଜସ୍ୱ ଆବଶ୍ୟକତା ଆବେଦନର ତର୍ଜମା ହୋଇଛି। ଆସନ୍ତା ବର୍ଷ ପାଇଁ ୧୧୫୨୪ ନିୟୁତ ୟୁନିଟ୍ ବିଦ୍ୟୁତ୍ କ୍ରୟ କରିବାକୁ ଯୋଜନା କରିଛି। ଏଥିରେ ୧୬.୫୭% ଆବଣ୍ଟନ କ୍ଷତି ଦର୍ଶାଇ ୯୬୧୪ ନିୟୁତ ୟୁନିଟ୍ ବିଦ୍ୟୁତ୍ ବିକ୍ରୟ ଯୋଜନା କରିଛି। ପୂର୍ବବର୍ଷ ୨୦୨୨-୨୩ ପାଇଁ ଅନୁମୋଦିତ ସତ୍ୟତା (ଟ୍ରୁଇଙ୍ଗ୍ ଅପ) ଆବେଦନରେ ୬୬୩ କୋଟି ଟଙ୍କା ରାଜସ୍ୱ ବଳକା ହୋଇଥିବା ଦର୍ଶାଯାଇଛି। ଆସନ୍ତାବର୍ଷ (୨୦୨୪-୨୫) ପାଇଁ ୬୧୨୪ କୋଟି ଟଙ୍କା ରାଜସ୍ୱ ଆବଶ୍ୟକତା ଥିବା ଏହି ଆବଣ୍ଟନ କଂପାନି ଆକଳନ କରିଛି। ତେବେ ବିଦ୍ୟୁତ୍ ଦର ନ ବଢ଼ାଇବା ପାଇଁ କମ୍ପାନି ଓଇଆରସିଙ୍କୁ ପ୍ରସ୍ତାବ ଦେଇଛି। ଆୟୋଗଙ୍କ ଦ୍ୱାରା ନିଯୁକ୍ତ 'ୱାଇଜ୍'(ୱାର୍ଲଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସଷ୍ଟେନେବୁଲ୍‌ଏନର୍ଜି) ଏହାର ସମୀକ୍ଷା କରି ୧୦ଟି ବିନ୍ଦୁରେ ପ୍ରତିବାଦ କରିଥିଲା। ୧୨ରୁ ଉର୍ଦ୍ଧ୍ୱ ଆପତ୍ତିକର୍ତ୍ତା ଟିପିଡବ୍ଲୁଓଡିଏଲ୍‌ର ପ୍ରସ୍ତାବିତ ଏଆରଆରକୁ ବିରୋଧ କରିଥିଲେ। ଜନଶୁଣାଣିରେ ଭାଗନେଇ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ପକ୍ଷରୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଯୋଗଦେଇ ନିବୁଜ କୋଠରୀରେ ଖୁଚୁରା ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ ହେଉଥିବା କହିବା ସହ ଏହି ପଦ୍ଧତିକୁ ବିରୋଧ କରିଥିଲେ। ଆୟୋଗ ଯେଉଁ ଖୁଚୁରା ବିଦ୍ୟୁତ ମୂଲ୍ୟ ନିର୍ଧାରଣ କରୁଛନ୍ତି ତାହାର ରାଜସ୍ୱ ଆବଶ୍ୟକତା ଦରଖାସ୍ତ ସହିତ କୌଣସି ସମ୍ପର୍କ ନାହିଁ। ଆୟୋଗ ୧୨୦ ଦିନ ଅବଧି ମଧ୍ୟରେ ବିଦ୍ୟୁତ ଉତ୍ପାଦନ, ପରିବହନ, ବ୍ୟବସାୟୀ ଓ ଆବଣ୍ଟନ କମ୍ପାନିମାନଙ୍କର ବାର୍ଷିକ ରାଜସ୍ୱ ଆବଶ୍ୟକତା ଅନୁମୋଦନ କରି ହାରାହାରି ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ କରୁଛନ୍ତି। କିନ୍ତୁ ଏହି ହାରାହାରି ବିଦ୍ୟୁତ ମୂଲ୍ୟ କିପରି ଖୁଚୁରା ମୂଲ୍ୟରେ ରୂପାନ୍ତର ହେଲା ତାହାର ହିସାବ ଟାରିଫ ଆଦେଶରେ ନାହିଁ। ଅର୍ଥାତ ଏଭଳି ଖୁଚୁରା ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ବିଦ୍ୟୁତ୍ ଆଇନ- ୨୦୦୩କୁ ଉଲ୍ଲଂଘନ କରୁଛି। ଆଜିର ଜନଶୁଣାଣିରେ ବିଦ୍ୟୁତ କର୍ମଚାରୀ ନେତା ରମେଶ ଶତପଥୀ, ଇଂ ଅକ୍ଷୟ ସାହାଣି, ପ୍ରଭାକର ଦୋରା, ଇଂ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ମତ ଉପସ୍ଥାପନ କରିଥିଲେ।

# ମୁଁ ହେବି ନବୀନ ଓଡିଶାର ସାରଥୀ ଓ ପ୍ରଣବଙ୍କ ସାଥୀ କାର୍ଯ୍ୟକ୍ରମ

ଧର୍ମଶାଳା, ୦୬/୨ (ନି,ପ୍ର): ଯାଜପୁର ଜିଲା ଧର୍ମଶାଳା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମୁଁ ହେବି ନବୀନ ଓଡିଶାର ସାରଥୀ ଓ ପ୍ରଣବଙ୍କ ସାଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଜାରକାଠାରେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳନ୍ତରାୟ ପତାକା ଦେଖାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଧର୍ମଶାଳା ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି କର୍ମୀମାନେ ଏକାଠି ହୋଇ ବିରାଟ ଶୋଭାଯାତ୍ରାରେ ବାହାରି ନିର୍ବାଚନ ମଣ୍ଡଳୀର ମିର୍ଜାପୁର ପଂଚାୟତରେ ପଂହଚି ଥିଲେ । ସେଠାରେ ଦଳୀୟ ନେତୃମଣ୍ଡଳୀଙ୍କ ସମେତ ଯୁବ, ଛାତ୍ର ଓ ଗାର୍ଲସ ୱିଙ୍ଗ୍ର କର୍ମକର୍ତାମାନେ ଯୋଗ ଦେଇଥିଲେ । ହାଟ ପଡିଆରେ ଏକ ସଭାରେ ବରିଷ୍ଠ ବିଜେଡି ନେତା ଜଳଧର ମହାନ୍ତି ଯୋଗ ଦେଇ କର୍ମକର୍ତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ କର୍ମକର୍ତାମାନେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ନବୀନ ସରକାରଙ୍କ ସଫଳତା ଏବଂ ଧର୍ମଶାଳାରେ ହୋଇଥିବା ବିକାଶର କଥାକୁ ନେଇ ଗାଁଗାଁ ଓ ଘରଘର ବୁଲି ସଚେତନ କରାଇବା ସହ ନୂଆ ମତଦାତାମାନଙ୍କୁ ଭେଟି ନୀବନ ଓଡିଶାର ସାରଥୀ ଓ ପ୍ରଣବଙ୍କ ସାଥୀ ହେବା ପାଇଁ ଆହ୍ୱାନ ଦେଇଥିଲେ ।

# 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର, ୦୬/୨ (ନି,ପ୍ର): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆଜି ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରକାଶିତ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଛି। ରାଜ୍ୟ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶ୍ରୀ ଅମାତ କହିଲେ, ୧୯୪୪ ମସିହାରୁ ଏହି ଦୁଇଟି ପତ୍ରିକା ନିରବଚ୍ଛିନ୍ନ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର କରିଆସୁଛି। ଏହି ସ୍ୱତନ୍ତ୍ର ସଂଖ୍ୟା ଆଗାମୀ ପିଢ଼ିଙ୍କୁ ମାତୃଭାଷା ପ୍ରତି ସଚେତନ କରିବା ସହ ଉପାଦେୟ ଓ ସଂଗ୍ରହଣୀୟ ହେବ। ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ



କହିଲେ, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ପୁରାତନ ସଂସ୍କରଣର ଡିଜିଟାଇଜେସନ୍ କରାଯାଇଛି। ଏହା ବିଭାଗୀୟ ୱେବସାଇଟ୍‌ରେ ପାଠକମାନଙ୍କ ନିମନ୍ତେ ଉପଲବ୍ଧ ହେଉଛି। ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଷାଭାଷୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଏଭଳି ବ୍ୟବସ୍ଥା କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଲେନିନ୍ ମହାନ୍ତି କହିଲେ ଯେ ଏହି ଦୁଇ ପତ୍ରିକାରେ ଓଡ଼ିଶାର ଭାଷା, ସାହିତ୍ୟ ନେଇ ବହୁ ଦୁଷ୍ପ୍ରାପ୍ୟ ଓ ଉପାଦେୟ ତଥା ପୁରାତନ ଆଲେଖ୍ୟ ସ୍ଥାନ ପାଇଛି। ଏହା ଦ୍ୱାରା ଛାତ୍ରଛାତ୍ରୀ ଓ ଗବେଷକମାନେ ଆଧୁନିକ ଓଡ଼ିଆ ଭାଷା-ସାହିତ୍ୟର କ୍ରମବିକାଶ ସଂପର୍କରେ ଅବଗତ ହୋଇପାରିବେ। 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦିକା କସ୍ତୁରୀ ମହାପାତ୍ର କହିଥିଲେ, ଉଭୟ ପତ୍ରିକା ରାଜ୍ୟ ସରକାରଙ୍କ ମୁଖପତ୍ର ଭାବେ ସ୍ୱାଧୀନତା ପୂର୍ବରୁ ପ୍ରକାଶ ପାଇ ଆସୁଛି। ଏହି ପତ୍ରିକା ବେଶ୍ ପାଠକୀୟ ଆଦୃତି ଲାଭ କରିବା ସହିତ ରାଜ୍ୟବାସୀଙ୍କ ନିକଟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଉତ୍କଳ ପ୍ରସଙ୍ଗର ସ୍ୱତନ୍ତ୍ର ସଂଖ୍ୟାରେ ୧୯ଟି ନିବନ୍ଧ ଓ ଓଡ଼ିଶା ରିଭ୍ୟୁରେ ୨୭ଟି ନିବନ୍ଧ ସ୍ଥାନ ପାଇଛି ବୋଲି ସେ ସୂଚନା ଦେଇଥିଲେ। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କହିଥିଲେ, ଓଡ଼ିଆ ଭାଷା ୨୦୦୦ ବର୍ଷରୁ ଅଧିକ ପୁରାତନ। ଏହାର ସମୃଦ୍ଧି ପାଇଁ ଅନେକ ସାରସ୍ୱତ ସାଧକଙ୍କ ଅବଦାନ ସ୍ୱୀକୃତ। ଆଜିର ଏହି ଭାଷା ସମ୍ମିଳନୀ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରକୃଷ୍ଟ ଅବସର ବୋଲି ସେ କହିଥିଲେ।

# ଶୁଣିଲାଣି ପ୍ରଶାସନ: ନଦୀରେ ପୋଲ ନିର୍ମାଣ କଲେ ଓଡ଼ିଶା ଓ ଝାଡଖଣ୍ଡର ଲୋକେ

ରାଇରଙ୍ଗପୁର , ୦୬/୨ (ନି,ପ୍ର): ଶୁଣିଲାଣି ପ୍ରଶାସନ। ପୋଲ ନିର୍ମାଣ କଲେ ଗ୍ରାମବାସୀ। ଏପରି ଏକ ଭଲ ଖବର ଆସିଛି ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକରୁ। ତିରିଂ ଅନ୍ତର୍ଗତ ବଡନାରାଣୀ ଗ୍ରାମର ସୁର୍ମିଧୁର୍ମି ୱେଲଫେୟାର କମିଟିର ସଦସ୍ୟମାନଙ୍କ ପ୍ରଚେଷ୍ଟାରେ ଖଡ଼ଖାଇ ନଦୀରେ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି। ସୁର୍ମିଧୁର୍ମି ୱେଲ୍ ଫେୟାର କମିଟିର ସଭାପତି ଗୋପାଲ ଚନ୍ଦ୍ର ବେଶ୍ରାଙ୍କ ଦ୍ୱାରା ଆଜି ଉକ୍ତ ପୋଲର ଉଦଘାଟନ ହୋଇଯାଇଛି। ଉକ୍ତ ପୋଲଟିର ନିର୍ମାଣ ପାଇଁ ବଡନାରାଣୀ ଗ୍ରାମ ପଞ୍ଚାୟତ ଏବଂ ପଡୋଶୀ ଝାରଖଣ୍ଡ ରାଜ୍ୟର କାଶୀଆ ଗ୍ରାମର ଗ୍ରାମବାସୀ ମାନେ ଶ୍ରମଦାନ କରିବା ସହିତ ସହଯୋଗର ହାତ ବଢ଼ାଇ ପୋଲ ନିର୍ମାଣ କରିଛନ୍ତି। ଏହି ରାସ୍ତା ଦ୍ୱାରା ଓଡ଼ିଶାର ତିରିଂ ବ୍ଲକ ଏବଂ ପଡ଼ୋଶୀ ଝାରଖଣ୍ଡର ପଶ୍ଚିମସିଂହଭୂମ ଜିଲ୍ଲା ତାନ୍ତନଗର ବ୍ଲକର ବହୁ ଗ୍ରାମବସୀ ଉପକୃତ ହେବେ। ତା ଛଡା ଚାଇଁବସାକୁ ଗମନାଗମନ ପାଇଁ ସୁବିଧା ହେବ। ତତ୍ ସଂଗେ ସଂଗେ ଦୁଇ ପଡ଼ୋଶୀ ରାଜ୍ୟର ଲୋକଙ୍କ ହଜାର ବର୍ଷର ସ୍ୱପ୍ନ ସାକାର ହୋଇଛି। କିନ୍ତୁ ଦୁଃଖର ବିଷୟ ଉକ୍ତ ପୋଲ ନିର୍ମାଣ ପାଇଁ ଓଡ଼ିଶା କିମ୍ବା ଝାରଖଣ୍ଡ ସରକାର କର୍ଣ୍ଣପାତ ନକରିବାରୁ ବାଧ ହୋଇ ସେମାନେ ନିଜେ ଶ୍ରମଦାନ କରିବା ସହିତ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଉକ୍ତ ପୋଲକୁ ନିର୍ମାଣ କରିଛନ୍ତି। ସୂଚନଯୋଗ୍ୟ ଯେ ଉକ୍ତ ନଦୀରେ ପୋଲ ନଥିବାରୁ ୩୦ କି.ମି ରୁ ଅଧିକ ରାସ୍ତା ବୁଲିକି ଯିବାକୁ ପଡୁଥିଲା। ତେବେ ବର୍ତ୍ତମାନ ଉକ୍ତ ପୋଲ ନିର୍ମାଣ ହେବା ପରେ ମାତ୍ର ଦୁଇ କିମି ଯାଇ ନଈ ଆର ପାରିକୁ ପାଦରେ, ଦୁଇ ଓ ଚାରି ଚକିଆ ଯାନରେ ଯିବା ଆସିବା କରି ପାରୁଛନ୍ତି। ବର୍ତ୍ତମାନର ଏହି ଅସ୍ଥାୟୀ ପୋଲରେ ମୋଟ୍ ୧୭ ଟି ହୋମ୍ ପାଇପ୍ ଲାଗିଛି। ଏହି ପୋଲ ନିର୍ମାଣ ଲାଗି ଏକ ମାସ ସମୟ ଲାଗିଛି ଏବଂ ଉଭୟ ରାଜ୍ୟର ଗ୍ରାମର ଗ୍ରାମବାସୀ ମାନେ ଶ୍ରମଦାନ କରିଛନ୍ତି।

ସୁର୍ମିଧୁର୍ମି କମିଟିର ସଭାପତି ଶ୍ରୀବେଶ୍ରା, କମିଟିର ସଦସ୍ୟ, ବଡ଼ନାରାଣୀ ପଞ୍ଚାୟତର ବାସିନ୍ଦା ଏବଂ ଝାଡଖଣ୍ଡର ବାସିନ୍ଦାଙ୍କୁ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ସତ ପ୍ରତିଶତ ଚେଷ୍ଟା କରିବେ ବୋଲି ଦୃଢତାର ସହିତ ମତବ୍ୟକ୍ତ କରିଥିଲେ। ତା ଛଡା ଏହି ଅଞ୍ଚଳରେ ଓଡ଼ିଶା ସରକାରଙ୍କ ଦ୍ୱାରା କୌଣସି ବିକାଶ ମୂଳକ କାର୍ଯ୍ୟ ହେଉ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ଶ୍ରୀ ବେଶ୍ରା। ଉକ୍ତ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।

# ରାଜଶ୍ରୀ ବିକ୍ରମ ଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ବସାଇବେ ରାଜ୍ୟ ସରକାର

ଜୟପୁର, ୦୬/୨ (ନି,ପ୍ର): ୨୦୨୨ ମସିହା ଡିସେମ୍ବର ୨୫ତାରିଖ ଦିନ ବିବାଦୀୟସ୍ଥିତିରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖ ଗେଟ ସମ୍ମୁଖରୁ ରାଜଶ୍ରୀ ବିକ୍ରମ ଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ହଟାଇ ଦେଇଥିଲା ପ୍ରଶାସନ। ହଟାଯିବାର ୧୪ମାସ ବିତିସାରିଥିଲେ ହେଁ ଏ ପର୍ଯ୍ୟନ୍ତ ପ୍ରତିମୂର୍ତ୍ତି ସ୍ଥାପନ ହୋଇପାରିନି। ଏହାରି ମଧରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଆରମ୍ଭର ବର୍ଷକ ବିତିଲା। ପ୍ରତିମୂର୍ତ୍ତି ଉଠାଇ ନେବା ପରେ ସମ୍ମୁଖ ଗେଟର ଏହି ସ୍ଥାନଟି ଏବେ ଲଣ୍ଡା ଲଣ୍ଡା ଦିଶୁଛି। ଏହାକୁ ନେଇ ମାନବାଧିକାର କର୍ମୀ ଅନୁପ ପାତ୍ର ଟୁଇଟ୍ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଚିଠି କରି ଅବଗତ କରିବା ପରେ ରାଜ୍ୟସରକାରଙ୍କ ସଂସ୍କୃତି ବିଭାଗ ଅଧିନସ୍ଥ ଓଡିଆ ଭାଷା ସାହିତ୍ୟ




ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେଠାରେ ପିଣ୍ଡି ନିର୍ମାଣ ପାଇଁ ଓଡିଶା ରାଜ୍ୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ଅଧିକ୍ଷକ ଓ ପତ୍ନତାତ୍ତ୍ୱିକ ସହାୟକ ଯନ୍ତ୍ରୀଙ୍କୁ ବ୍ୟୟ ଅଟକଳ ପ୍ରସ୍ତୁତ କରି ରାଜ୍ୟସରକାରଙ୍କ ନିକଟରେ ଅନୁମୋଦନ ପାଇଁ ଦାଖଲ କରିବାକୁ କୁହାଯାଇଛି। ଅପରପକ୍ଷରେ ରାଜଶ୍ରୀ ବିକ୍ରମ ଦେବ ବର୍ମାଙ୍କ ପୂର୍ଣ୍ଣାବୟବ ବ୍ରୋଂଜ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ସ୍ଥାପନ ପାଇଁ ବିଭାଗର ପ୍ରତିମୂର୍ତ୍ତି ଚୟନ କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି। ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ରାଜଶ୍ରୀ ବିକ୍ରମ ଦେବ ବର୍ମାଙ୍କ ବିଭିନ୍ନ ଭଙ୍ଗୀର ତିନି ଗୋଟି ଫଟୋ ଚିତ୍ର ସ୍ୱାକ୍ଷର କରି ପଠାଇବାକୁ ମାନବାଧିକାର କର୍ମୀ ଶ୍ରୀପାତ୍ରଙ୍କୁ ଚିଠି ଆସିଛି। ସେ ବିଶାଖାପାଟଣାସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପରିସରରେ ଜୟପୁର କଲେଜ ଅଫ ଟେକ୍ନୋଲୋଜି ଏଣ୍ଡ ସାଇନସ୍ ବ୍ଲକ ସମ୍ମୁଖରେ ଥିବା ରାଜଶ୍ରୀଙ୍କ ପୂର୍ଣ୍ଣାବୟବ ବ୍ରୋଂଜ ମୂର୍ତ୍ତିର ଫଟୋକୁ ପଠାଇବେ ବୋଲି କହିଛନ୍ତି ଶ୍ରୀ ପାତ୍ର। ସୂଚନା ଅନୁଯାୟୀ, ଗତ ୨୦୨୨ମସିହା ସେପ୍ଟମ୍ବର ୧୭ତାରିଖ ଦିନ ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଫୁଟ ଓଭରବ୍ରିଜର ଲୋକାର୍ପଣ କରାଯାଇଥିଲା। ଏହା ସହ ଏହି ପ୍ରତିମୂର୍ତ୍ତିକୁ ଲୋକାର୍ପଣ ହୋଇଥିଲା। ଏହି ପ୍ରତିମୂର୍ତ୍ତିଟି ଆକାରେ ବହୁ ଛୋଟ ରହିଥିବା ବେଳେ ଏହା ରାଜଶ୍ରୀ ବିକ୍ରମଦେବ ବର୍ମାଙ୍କର ନୁହେଁ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ପ୍ରତିମୂର୍ତ୍ତିରେ ବ୍ୟାପକ ଭୁଲ ରହିଥିବା ଦର୍ଶାଇ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ ଓ ପ୍ରଶାସନକୁ ଭେଟି ଆପତ୍ତି ଅଭିଯୋଗ କରିଥିଲେ। ଏହା ପରେ ଏହି ପ୍ରତିମୂର୍ତ୍ତିକୁ ଧଳା କନା ଘୋଡେଇ ସେଭଳି ରଖାଯାଇଥିଲା। ଗତ ଡିସେମ୍ବର ୨୫ତାରିଖ ଦିନ ମହାରାଜା ବିକ୍ରମ ଦେବ ବର୍ମାଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ରାଜଶ୍ରୀ ବିକ୍ରମ ଦେବ ବର୍ମାଙ୍କ ବ୍ରୋଂଜର ପ୍ରତିମୂର୍ତ୍ତି ବସାଯିବ ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଘୋଷଣା କରିଥିଲେ। ବିଧାୟକ ପାଣ୍ଠିରୁ ପ୍ରତିମୂର୍ତ୍ତି ତିଆରି କରିବାକୁ ପୌରପାଳିକାକୁ ଦାୟିତ୍ୱ ଦେଇଥିଲେ ହେଁ ପୌରପାଳିକା ଏହାକୁ ଏଯାଏଁ ସ୍ଥାପନ କରି ପାରିନାହାନ୍ତି।

# କନ୍ଧମାଳ ଶିକ୍ଷକ ସଂଘର ନିର୍ବାଚନ : ସନ୍ତୋଷ ସଭାପତି ଓ ଶରତ ସାଧାରଣ ସମ୍ପାଦକ

କନ୍ଧମାଳ, ୦୬/୨ (ନି,ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ୫, ଖାରବେଳ ନଗର ଅଧୀନ କନ୍ଧମାଳ ଜିଲ୍ଲାର ବହୁ ପ୍ରତିକ୍ଷିତ ସାମ୍ବିଧାନିକ ସମ୍ମିଳନୀ ଓ ତ୍ରୀବାର୍ଷୀକ ନିର୍ବାଚନ ଗତ ୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଜିଲ୍ଲା ସଭାପତି କିଶୋର କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ବୈଠକରେ ଜିଲ୍ଲାର ପୂର୍ବତନ ସାଧାରଣ ସମ୍ପାଦକ ବରିଷ୍ଠ ଶିକ୍ଷକ ସମରେନ୍ଦ୍ର ଦାଶ ଚାକିରୀରୁ ଅବସର ନେଇଥିବାରୁ ତାଙ୍କୁ ଜିଲ୍ଲାରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟ ମହା ସଚିବ ଚାରୁଲତା ମହାପାତ୍ର, ବରିଷ୍ଠ ଉପଦେଷ୍ଟା ସଂଗୀତା ଦାଶ, ଶିକ୍ଷକ ନେତ୍ରୀ ସୁକାନ୍ତୀ ସବୁତ୍ ଓ ରାଜ୍ୟ ସଂଯୋଜକ ଜ୍ୟୋତି ରଞ୍ଜନ ଦାଶ ଯୋଗଦେଇ ପରବର୍ତୀ ପର୍ଯ୍ୟାୟରେ ଜିଲ୍ଲାର ସାମ୍ବିଧାନିକ ସମ୍ମିଳନୀ ଓ ଜିଲ୍ଲା ନିର୍ବାଚନ ପରିଚାଳନା କରିଥିଲେ। ଜିଲ୍ଲାର ନବ ନିର୍ବାଚିତ ସଭାପତି ଭାବେ ସନ୍ତୋଷ କୁମାର ଦିଗାଲ, ଉପସଭାପତି ଭାବେ ଦ୍ୱିତିକୃଷ୍ଣ ମାଝି ଓ ବିରାଜିନୀ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ଶରତ ମାଝି, ସହ ସମ୍ପାଦକ ଭାବେ ଗୋକୁଳ ନାୟକ ଓ କୌଶିକ ନାୟକ, କୋଷାଧକ୍ଷ ଭାବେ ବଂଶୀଧର ନନ୍ଦ, ଜିଲ୍ଲା ସଂଯୋଜିକା ଭାବେ ନୀଳିମା ମଲ୍ଲିକ ସର୍ବସମ୍ମତ କ୍ରମେ ସ୍ଥାନ ପାଇଛନ୍ତି।

# ସିପିଆଇଏମର କର୍ମୀ ସମ୍ମିଳନୀ




ଖୋର୍ଦ୍ଧା, ୬/୨ (ନି.ପ୍ର): ଭାରତର କମ୍ୟୁନିଷ୍ଟ ପାର୍ଟି(ସିପିଆଇ-ଏମ) ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ସିଆଇଟିୟୁ କାର୍ଯ୍ୟାଳୟ ପରିସରରେ ଏକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୬ତାରିଖ ଦେଶବ୍ୟାପୀ ହେବାକୁ ଥିବା ଧର୍ମଘଟ ସମ୍ପର୍କରେ ଆଲୋଚନା ହୋଇଥିଲା । ଚଳିତ ୨୦୨୪ ନିର୍ବାଚନରେ ଭାଜପା ସରକାରକୁ ପରାସ୍ତ ପାଇଁ ନିଷ୍ପତି ନିଆଯାଇଛି । ଦେଶର ସଙ୍ଘୀୟ ବ୍ୟବସ୍ଥା, ସମ୍ବିଧାନ, ଗଣତାନ୍ତ୍ରିକ ଅଧିକାର, ସୁରକ୍ଷା, ଧର୍ମନିରପେକ୍ଷତା ସୁରକ୍ଷା ପାଇଁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି । ଜନସାଧାରଣଙ୍କ ଉପରେ ଉପରେ ଆର୍ଥୀକ ବୋଝ ବଢିଚାଲିଛି । ତୈଳ ଉପରୁ ଟିକଟ ଛାଡ, ବିଦ୍ୟୁତ କ୍ଷେତ୍ରରେ ପ୍ରିପେଡ ମିଟର, ଠିକା ନିଯୁକ୍ତି ବନ୍ଦ ତଥା ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି, ଜୀବିକା ମିଶନରେ ଆଶା, ଅଙ୍ଗନବାଡି ଓକର୍ମଚାରୀଙ୍କୁ ସ୍ଥାୟୀ, ବ୍ୟାଙ୍କ ମିତ୍ର ଓ ସଖୀଙ୍କୁ ଶ୍ରମିକ ମାନ୍ୟତା ପ୍ରଭୃତି ଦାବି ନେଇ ଆଗାମୀ ଧର୍ମଘଟକୁ ସଫଳ ପାଇଁ ଆହ୍ୱାନ ଦିଆଯାଇଛି । ଏହି ସମ୍ମିଳନୀରେ ଗିରିଶ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ । ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ଓଡ଼ିଶା କୃଷକ ସଭା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବାମପନ୍ଥୀ ନେତା ଅନନ୍ତ ମଙ୍ଗରାଜ, କୃଷକ ସଭା ଜିଲା ସମ୍ପାଦକ ସାରଙ୍ଗଧର ବେହେରା, ଶ୍ରମିକ ୟୁନିୟନ ସମ୍ପାଦକ ଯୋଗେନ୍ଦ୍ର ଦାସ, ଦୃର୍ଗା ପ୍ରସାଦ ସ୍ୱାଇଁ, ଦେବେନ୍ଦ୍ର ରାଉତ, ବାବୁ କିଶୋର ମାର୍ଥା, କୌଳାଶ ବଳିଆରସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଥିଲେ ।

# ଆଦର୍ଶ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ପରଲୋକ



ବାଲେଶ୍ୱର, ୬/୨ (ନି.ପ୍ର): ବାଲିଆପାଳ ବ୍ଲକ୍ ଜାମକୁଣ୍ଡା ଗ୍ରାମପଞ୍ଚାୟତ ଅଞ୍ଚଳର ବାସିନ୍ଦା ତଥା ଆଦର୍ଶ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କର ସୋମବାର ରାତି ୯.୫୫ ମିନିଟ୍ ସମୟରେ ତାଙ୍କ ଅଙ୍ଗାରଗଡ଼ିଆସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ସ୍ୱର୍ଗତଃ ମିଶ୍ରଙ୍କୁ ୮୫ବର୍ଷ ବୟସ ହୋଇଥିଲା । ସ୍ୱର୍ଗତଃ ମିଶ୍ର ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିବାବେଳେ ତାଙ୍କ ପରଲୋକ ଘଟିଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନିପୁଅ ଜ୍ୟୋତିକାନ୍ତ ମିଶ୍ର, ରାଧାକାନ୍ତ ମିଶ୍ର, ଶଶିକାନ୍ତ ମିଶ୍ର, ପତ୍ନୀ ଜୟନ୍ତୀ ମିଶ୍ର, ପୁତୁରା ଜଗଦୀଶ ମିଶ୍ର, ଭାଇ ଡକ୍ଟର ଅଜୟ କୁମାର ମିଶ୍ର, ସଞ୍ଜୟ କୁମାର ମିଶ୍ର, ହିମାଂଶୁ ଦିକ୍ଷିତଙ୍କ ସମେତ ପୁତ୍ରବଧୂ, ଝିଅ, ଜ୍ୱାଇଁ, ଝିଆରୀ, ନାତି ନାତୁଣୀଙ୍କ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ସ୍ୱର୍ଗତଃ ମିଶ୍ରଙ୍କ ମର ଶରୀର ତାଙ୍କର ଜନ୍ମସ୍ଥାନ ଜାମକୁଣ୍ଡା ଗ୍ରାମରେ ପହଞ୍ଚିଲା ପରେ ବାଲିଆପାଳ ବ୍ଲକ୍ ଶିକ୍ଷକ ସଂଘର ସଭାପତି ଶ୍ରୀକାନ୍ତ ଜେନା, ଜାମୁକୁଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚ କାଞ୍ଚନବାଳା ମହାନ୍ତିଙ୍କ ସମେତ ପଞ୍ଚାନନ ନାୟକ, ବିଜୟ ପରିଡ଼ା, ଜ୍ୟୋତିପ୍ରକାଶ ଜେନା, ଅନନ୍ତ ପରିଡ଼ା, ନାରାୟଣ କର, ଦିଲ୍ଲୀପ କୁମାର ସିଂ, ଉପେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଅବିଭାବକମାନେ ସ୍ୱର୍ଗତ ମିଶ୍ରଙ୍କ ଜାମକୁଣ୍ଡା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ସବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ସ୍ୱର୍ଗତଃ ମିଶ୍ର ବାଲିଆପାଳ ବ୍ଲକ ଅଞ୍ଚଳରେ ଜଣେ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିବା ସହ ଚାକିରିରୁ ଅବସର ନେବା ପରେ ସମାଜସେବା, ଗରିବ ଲୋକଙ୍କୁ ସହାୟତା ପ୍ରଦାନ, ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ରହିବା ସହ ବହୁ ଅନୁଷ୍ଠାନର ସଦସ୍ୟ ରହି ଅନୁଷ୍ଠାନ ଗୁଡ଼ିକ ନିମନ୍ତେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଯାଇଛନ୍ତି । ଏହାଛଡ଼ା ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କର ଏହି ପରଲୋକ ଘଟଣା ବାଲିଆପାଳ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ ମିଶ୍ରଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ।

# ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ସମାଜକୁ ପରିବର୍ତ୍ତନ କରିପାରେ




ଖଇରା, ୬/୨ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଏକାଦଶତମ ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ଦିଆ ଯିବାର ଆବଶ୍ୟକତା ରହିଅଛି । ଶିକ୍ଷା ବ୍ୟବସ୍ଥା ରେ ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ବିଦ୍ୟାର୍ଥୀ କୁ ସଫଳତା ମାର୍ଗରେ ନେଇ ଥାଏ ବୋଲି ମୁଖ୍ୟ ଅତିଥି ତିହିଡି ବ୍ଲକ ର ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଧୁସୂଦନ ସେଣ୍ଡ କହିଥିଲେ । ଅନୁଷ୍ଠାନ ର ସଭାପତି ଲକ୍ଷ୍ମୀଧର ନାୟକ ଙ୍କ ପୌରହିତ୍ୟ ରେ ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିତ ଓ ବିଶିଷ୍ଟ ସମାଜସେବୀ ଓ କଥାକାର ରଞ୍ଜନ କୁମାର ସାମଲ , ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ବଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମହାପାତ୍ର, ଖଇରା ସଂକୁଳ ପ୍ରମୁଖ ଅକ୍ଷୟ କୁମାର ଜେନା,ଡୁଙ୍ଗୁରା ଉଚ୍ଚ ବିଦ୍ୟାଳୟ ର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ଅଳକାରାଣୀ ଗିରି,, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ବେହେରା, ଅନୁଷ୍ଠାନ ର ସମ୍ପାଦକ ବିଷ୍ଣୁ ପ୍ରସାଦ ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନ ର ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରଭା ଖଟୁଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ବୈକୁଣ୍ଠ ନାଥ ପଣ୍ଡା ବେଦପାଠ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ କ୍ଷପ୍ରଧାନ ଆଚାର୍ଯ୍ୟା ସବିତାରାଣୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁଜୀ ତ୍ରିଲୋଚନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗ ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପିଲାମାନଙ୍କ ଦ୍ୱାରା ନାଚ, ନାଟକ, ଗୀତ, ଏକକ ଅଭିନୟ, ଶିଶୁ ଗୀତ, ବ୍ୟାୟାମ ଉପରେ ସୁନ୍ଦର କାର୍ଯ୍ୟକ୍ରମ ମାନ ପରିବେଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସମସ୍ତ ଗୁରୁଜୀ ଗୁରୁମା ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମହାପୁରୁଷଙ୍କୁ ଅପମାନ...

ଏନେଇ ଅସନ୍ତୋଷ ପ୍ରକାଶ ପାଇବା ପରେ କବିଙ୍କ ନାଁକୁ ଲିଭାଇ ଦିଆଯାଇଛି । ଏ ପ୍ରସଙ୍ଗରେ ଜିଲ୍ଲାପାଳ କହିଛନ୍ତି, ତୁରନ୍ତ ଏନେଇ ପଦକ୍ଷେପ ନିଆଯାଇ ସଂଶୋଧନ କରାଯିବ । ସାମ୍ବାଦିକ ଅପୂର୍ବ ବେହେରା ରଞ୍ଜନ କହିଛନ୍ତି, ଏହା ନିନ୍ଦନୀୟ କଥା । ଏଥିପାଇଁ ପ୍ରଶାସନ ଦାୟୀ । ମହାପୁରୁଷଙ୍କ ପ୍ରତି ଆନ୍ତରିକତା ଅଭାବରୁ ଏପରି ଲେଖାଯାଇଛି ।

## ଓଡ଼ିଶାରେ ପହଞ୍ଚିଲା ରାହୁଲ...

ଉଦ୍‌ବୋଧନ ଦେବେ । ପରେ ୨୫ କିଲୋମିଟର ଦୂର ରାଣୀବନ୍ଧ ନିକଟ ବିର୍ସା ମୁଣ୍ଡା ପଡିଆଠାରେ ମଧ୍ୟାହ୍ନଭୋଜନ କରିବେ । ଅପରାହ୍ଣ ୨ଟାରେ ରାଣୀବନ୍ଧଠାରୁ ପୁଣି ଯାତ୍ରା ଆରମ୍ଭ ହେବ । ସେଠାରୁ ୧୪ କିଲୋମିଟର ଦୂର କୁତ୍ରା ଠାରେ ରାହୁଲ ଗାନ୍ଧି ଉଦ୍‌ବୋଧନ ଦେବେ । ପରେ ୩୨ କିମି ଦୂର ବାରଗାଁଠାରେ ମଧ ସେ ଜନସାଧାରଣଙ୍କୁ ଉଦ୍ ?ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ସେଠାରୁ ୬୦କିଲୋମିଟର ଦୂର ସୁନ୍ଦରଗଡ଼ ବସଷ୍ଟାଣ୍ଡ ଛକରେ ଅପରାହ୍ନ ୪ଟା ୩୦ରେ ପଦଯାତ୍ରା ପହଞ୍ଚିବ । ଷ୍ଟାଡିୟମ ଛକ ଓ ସୁନ୍ଦରଗଡ଼ ଏସବିଆଇ ଛକ ହୋଇ ପଦଯାତ୍ରା ଚାଲିବ । ସେଠାରୁ ୨୬ କିଲୋମିଟର ଦୂର ଝାରସୁଗୁଡ଼ା ଆମଲିପାଲିଠାରେ ରାହୁଲ ଗାନ୍ଧି ରାତ୍ରି ରହଣୀ କରିବେ । ୮ ତାରିଖ ସକାଳ ୮ଟାରୁ ଝାରସୁଗୁଡ଼ାସ୍ଥିତ ମହାତ୍ମା ଗାନ୍ଧି ଛକ ପୁରୁଣା ବସଷ୍ଟାଣ୍ଡଠାରୁ ଯାତ୍ରା ଆରମ୍ଭ ହେବ ।

## ଦୁଇ ମହିଳା ନକ୍ସଲଙ୍କ....

ଏହି ଦୁଇ ଜଣ ସମ୍ପୃକ୍ତ ଥିଲେ । ଆଜି ଆତ୍ମସମର୍ପଣ କରିବା ପରେ ମନୀଷା ଓ ଚମ୍ପା କହିଛନ୍ତି ଯେ ନକ୍ସଲ ସଙ୍ଗଠନର ଅନୈତିକ କାର୍ଯ୍ୟକଳାପରେ ବିବ୍ରତ ଓ ନିରାଶ ହୋଇ ସେମାନେ ସେଠାରୁ ବାହାରିବାକୁ ନିଷ୍ପତ୍ତି ନେଇଥିଲେ । ସେମାନେ କହିଛନ୍ତି, ନକ୍ସଲ ସଂଗଠନରେ ମହିଳା କ୍ୟାଡରଙ୍କୁ ଯୌନ ନିର୍ଯାତନା ଦିଆଯାଉଛି । ଯୁବକ, ଯୁବତୀ ମାନଙ୍କୁ ମିଛ ପ୍ରତିଶ୍ରୁତି ଦେଇ ସଙ୍ଗଠନରେ ସାମିଲ କରାଯାଉଛି । ସଙ୍ଗଠନର ବରିଷ୍ଠ ସଦସ୍ୟମାନେ କନିଷ୍ଠ ମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି । ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି । ଲୋକଙ୍କୁ ଧମକାଇ ଟଙ୍କା ଆଦାୟ କରାଯାଉଛି । ମନୀଷା ଓ ଚମ୍ପାଙ୍କ ଠାରୁ ପୁଲିସକୁ ମିଳିଥବା ସୂଚନା ଅନୁଯାୟୀ ଗତ ଦୁଇ ମାସ ମଧ୍ୟରେ ସେମାନଙ୍କ କ୍ୟାମ୍ପରୁ ୧୦ରୁ୧୨ କ୍ୟାଡର ଫେରାର ହୋଇଯାଇଛନ୍ତି ।

## ବହୁ ଚର୍ଚ୍ଚିତ ପରୀ ...

ମୁଖ୍ୟ ଅରୁଣ ବୋଥ୍ରା ନିଯୁକ୍ତି ଦେଇଥିଲେ ରାଜ୍ୟ ସରକାର । ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ତଦନ୍ତ ଆରମ୍ଭ କରିଥିଲା । ମାମଲାରେ ପୁରୀର ବାପା, ମାଆ ଓ ପଡ଼ୋଶୀଙ୍କୁ ପଚରାଉଚରା କରିଥିଲା । ପରେ ପରୀର ଗଳିତ ଦେହାବଶେଷ ମିଳିଥିଲା । ଏକ ଅଖା ବସ୍ତାରୁ ଦେହାବଶେଷ ଓ ହାଡ଼ ଉଦ୍ଧାର କରାଯାଇଥିଲା । କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା । କୋର୍ଟଙ୍କ ରାୟ ଆସିବା ପରେ ପରୀର ମାଆ କହିଛନ୍ତି, ଏଥିରେ ସେ ଜମାରୁ ଖୁସି ନାହାନ୍ତି । ଆମକୁ ଆଦୌ ନ୍ୟାୟ ମିଳିନି । ଗୋଟିଏ ନିର୍ଦ୍ଦୋଷକୁ ଧରି ସଜା ଦେଇଦେଲେ । ମୋ ଛୁଆକୁ ମାରିଦେଲେ । ଆଉ ଜଣଙ୍କ ଜୀବନ ବରବାଦ କରିଦେଲେ । ବାବୁଲି ନାଏକ ମୋ ଛୁଆକୁ ମାରିଛି । ହତ୍ୟାକାଣ୍ଡରେ ଅରୁଣ ସାହୁଙ୍କ ହାତ ଅଛି । ଗରିବ ବୋଲି ସେମାନେ ଆମକୁ ମଣିଷ ଭାବୁନାହାନ୍ତି ।

## ମାଘରେ ବଢ଼ିଲା ....

ତାପମାତ୍ରା ଅଧିକ ରହିଥିଲା । ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାରେ ରାତି ତାପମାତ୍ରା ୩ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା । ଆଗାମୀ ୩ ଦିନ ଯାଏ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ପରବର୍ତ୍ତୀ ୨ ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ହ୍ରାସ ଘଟିବାରେ ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଗତକାଲି ରାଜ୍ୟର କିଛି ସ୍ଥାନରେ ରାତି ତାପମାତ୍ରା ୨୦ ଡିଗ୍ରୀ କିମ୍ବା ତା'ଠୁ ଅଧିକ ରହିଥିଲା । ପୁରୀରେ ରାତି ତାପମାତ୍ରା ୨୪ ଡ଼ିଗ୍ରୀ ରହିଥିବା ବେଳେ ପାରାଦ୍ୱୀପରେ ୨୩.୬ ଡ଼ିଗ୍ରୀ, କେନ୍ଦ୍ରାପଡା ୨୨.୪ ଡ଼ିଗ୍ରୀ, ଗୋପାଳପୁର ୨୧.୯ ଡ଼ିଗ୍ରୀ, ଚାନ୍ଦବାଲି ୨୧.୯ ଡ଼ିଗ୍ରୀ, ବାଲେଶ୍ୱର ୨୧.୭ ଡ଼ିଗ୍ରୀ ଓ ଭୁବନେଶ୍ୱର: ୨୧.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା ।

## ପ୍ରଶ୍ନପତ୍ର ଲିକ କଲେ....

ସନ୍ଦିଗ୍ଧଙ୍କୁ ଗିରଫ କରିପାରିବ । ଅଭିଯୁକ୍ତଙ୍କୁ ଜାମିନ ମିଳିବ ନାହିଁ । ସେହିପରି ଅପରାଧକୁ ବୁଝାମଣା କରି ରଫାଦଫା କରାଯାଇ ପାରିବ ନାହିଁ ବୋଲି ବିଲରେ ବ୍ୟବସ୍ଥା କରାଯାଇଛି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ବିଲ ଉପସ୍ଥାପନ କରି କହିଛନ୍ତି ଯେ ପ୍ରଶ୍ନପତ୍ର କିମ୍ବା ଉତ୍ତରଖାତା ଲିକ କରିବା, ପରୋକ୍ଷ କିମ୍ବା ପ୍ରତ୍ୟେକ୍ଷ ଭାବେ ଜଣେ ପରୀକ୍ଷାର୍ଥୀଙ୍କୁ ବେଆଇନ ଭାବେ ସହଯଗୋ କରିବା କିମ୍ବା ପରୀକ୍ଷାରେ ହେରଫେର କରିବା ଆଦିକୁ ବିଲରେ ଅପରାଧ ଭାବେ ବିବେଚନା କରାଯାଇଛି । ବିଲ୍‌ରେ ବ୍ୟବସ୍ଥା ହୋଇଛି ଯେ ଯଦି କେହି ବ୍ୟକ୍ତି କିମ୍ବା ଗ୍ରୁପ ପ୍ରଶ୍ନପତ୍ର ଲିକ କିମ୍ବା ଉତ୍ତର ଖାତାରେ ହେରଫେର କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତା'ହେଲେ ତାଙ୍କୁ ସର୍ବନିମ୍ନ ୩ ବର୍ଷ ଜେଲ ଦଣ୍ଡ ମିଳିବ । ଏହାକୁ ୫ ବର୍ଷ ବୃଦ୍ଧି କରାଯାଇ ପାରିବ ଓ ଫାଇନ ୧୦ ଲକ୍ଷ ଟଙ୍କା ଯାଏ ରହିବ । ସେବା ପ୍ରଦାନକାରୀ ସଂସ୍ଥା ଯଦି ସମ୍ଭାବ୍ୟ ଅପରାଧ ସମ୍ପର୍କରେ ଜାଣି ମଧ ଚୁପ ରହିବ, ତା'ହେଲେ ସେଭଳି ସଂସ୍ଥାକୁ ୧ କୋଟି ଟଙ୍କା ଯାଏ ଫାଇନ ଦେବାକୁ ହେବ । ସଂସ୍ଥାର ସିନିୟର ମ୍ୟାନେଜରଙ୍କୁ ୧୦ ବର୍ଷ ଯାଏ ଜେଲ କିମ୍ବା ୧ କୋଟି ଫାଇନ ଦେବାକୁ ପଡ଼ିବ ।

## ଏକକ ନାଗରିକ....

ସେହିପରି ଯାହା 'ସାଧାରଣ ନୀତି ଏବଂ ନୈତିକତା ବିରୁଦ୍ଧରେ'ସେ କ୍ଷେତ୍ରରେ ଲିଭ୍-ଇନ୍ ସମ୍ପର୍କକୁ ପଞ୍ଜୀକୃତ କରାଯିବ ନାହିଁ । ଯଦି ଜଣେ ବ୍ୟକ୍ତି ବିବାହିତ କିମ୍ବା ଅନ୍ୟ ସମ୍ପର୍କରେ ଥିବେ, ଯଦି ଏକ ପାର୍ଟନର ନାବାଳକ ହୋଇଥିବେ, ବାଧବାଧକତା କିମ୍ବା ଠକେଇ ହୋଇଥିବ ତେବେ ଲିଭ୍-ଇନ୍ ସମ୍ପର୍କକୁ ପଞ୍ଜିକୃତ କରାଯିବ ନାହିଁ । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଲିଭ୍-ଇନ୍ ସମ୍ପର୍କର ବିବରଣୀ ଗ୍ରହଣ କରିବାକୁ ଏକ ୱେବସାଇଟ୍ ପ୍ରସ୍ତୁତ ହେଉଛି । ଏହି ୱେବସାଇଟ୍ ମାଧ୍ୟମରେ ପଞ୍ଜୀକରଣ ହୋଇପାରିବ, ଯାହା ଜିଲ୍ଲା ରେଜିଷ୍ଟ୍ରାରଙ୍କ ଦ୍ୱାରା ବୈଧ, କି ନୁହେଁ ଯାଞ୍ଚ କରାଯିବ । ଆବଶ୍ୟକ ସ୍ଥଳରେ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଉଭୟ ପାର୍ଟନର୍ କିମ୍ବା ଅନ୍ୟ କାହାକୁ ଡକାଯାଇପାରେ । ଯଦି ରେଜିଷ୍ଟ୍ରାର ପଞ୍ଜିକରଣକୁ ଖାରଜ କରିଦିଅନ୍ତି, ତେବେ ତାଙ୍କୁ ଏହାର ଯଥାର୍ଥ କାରଣ ଲିଖିତ ଆକାରରେ ଜଣାଇବେ । ଯଦି ସମ୍ପର୍କ ଶେଷ ହେବାର କାରଣ ଭୁଲ୍ କିମ୍ବା ସନ୍ଦେହଜନକ ମନେହୁଏ, ତେବେ ପୁଲିସ ଏହାର ଯାଞ୍ଚ ପାଇଁ ପାର୍ଟନରଙ୍କୁ ଡକାଇପାରେ । ଯଦି ୨୧ ବର୍ଷରେ କମ୍ ବୟସ୍କ ପିଲା ହୋଇଥିବେ ତେବେ ସେମାନଙ୍କ ସହ ସେମାନଙ୍କ ଅଭିଭାବକ ମଧ ତଦନ୍ତର ପରିସରକୁ ଆସିବେ ।

## ବାଣ ଫ୍ୟାକ୍ଟ୍ରିରେ....

୫ରୁ ୬ଟି ଆମ୍ବୁଲାନ୍ସ ମଧ ଉପସ୍ଥିତ ଅଛି । ତେବେ ଏଯାଏଁ ନିଆଁକୁ ଆୟତ୍ତ କରାଯାଇପାରି ନାହିଁ । ସେପଟେ ଏହି ଘଟଣା ପରେ ପୂରା ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି । କୁହାଯାଉଛି ଯେ, ଏହି ବାଣ ଫ୍ୟାକ୍ଟ୍ରିଟି ଦୀର୍ଘ ଦିନ ଧରି ବେଆଇନ ଭାବେ କାର୍ଯ୍ୟ କରୁଥିଲା । ପ୍ରାୟ ୧୫୦ ଲୋକ ଫ୍ୟାକ୍ଟ୍ରିରେ କାମ କରୁଥିଲେ, ଯେଉଁମାନେ ଏହି ଘଟଣାରେ ଆହତ ହୋଇଛନ୍ତି । ଉକ୍ତ ଫ୍ୟାକ୍ଟ୍ରିରେ ବିପୁଳ ମାତ୍ରାରେ ବାରୁଦ ଓ ବିସ୍ଫୋରକ ସାମଗ୍ରୀ ଭରି ହୋଇ ରହିଥିଲା । ଏଥିଯୋଗୁଁ ଏଠାରେ ରହି ରହି ବାରମ୍ବର ବିସ୍ଫୋରଣ ହୋଉଥିବା ଶବ୍ଦ ଶୁଣିବାକୁ ମିଳିଛି । ଏହି କାରଣ ଯୋଗୁ ନିଆଁକୁ କାବୁ କରିବା ମୁସ୍ ?କିଲ ହୋଇଛି । ସେହିପରି ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳରେ କଳା ଧୂଆଁ ବ୍ୟାପି ଯାଇଛି । ଲୋକେ ଆତଙ୍କିତ ହୋଇପଡିଛନ୍ତି । ସେପଟେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବ ହରଦାଠାରେ ଘଟିଥିବା ବିସ୍ଫୋରଣ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କଠାରୁ ପଚାରି ବୁଝିଛନ୍ତି । ଘଟଣାସ୍ଥଳରେ ସରକାରୀ ଅଧିକାରୀମାନେ ମଧ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି ।


## ପାର୍କିଂ ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ କାଟାଲଗ୍ ନମ୍ବର: **PARK-KGP-24-02, ତାରିଖ: ୦୨.୦୨.୨୦୨୪** । ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଦକ୍ଷିଣ ପୂର୍ବାଞ୍ଚଳ ରେଳ, ଖଡ଼ଗପୁର ଡିଭିଜନ୍ **ସୁତେଇ ବଡଗାଁ, ଟିକିଆପଡ଼ା, ଦେଉଲଟି, ସୋରୋ, ଭୋଗପୁରରେ** ଦୁଇ ଚକିଆ ପାର୍କିଂ ଚୁକ୍ତିନାମା ପ୍ରଦାନ ପାଇଁ ଦିଘା ରେଳ ଷ୍ଟେସନ ପରିସରରେ ଭଡା ସେବା ରେଳଷ୍ଟେସନରେ ନିଲାମକୁ ଆମନ୍ତ୍ରଣ କରିଛନ୍ତି ଯାହାକି ୱେବସାଇଟ୍ https://www.ireps.gov.inରେ ସୂଚିତ କରାଯାଇଛି ।

| ବର୍ଗ | କାଟାଲଗ୍ ନଂ. | ଲଟ୍‌ର ସଂଖ୍ୟା: | ନିଲାମର ତାରିଖ | ନିଲାମ ଆରମ୍ଭ ସମୟ: | ନିଲାମ ବନ୍ଦ ସମୟ |
|---|---|---|---|---|---|
| ବାଇକ୍ ଭଡା ସେବା ଚୁକ୍ତି ସହିତ ଦୁଇଟି ଚକିଆ ଏବଂ ମିକ୍ସଡ୍ ପାର୍କିଂ ପାଇଁ ପାର୍କିଂ ସ୍ଥାନ | ପାର୍କ-କେଜିପି-୨୪-୦୨ | ୦୬ | ୧୯.୦୨.୨୪ | ୧୧.୦୦ ଘଣ୍ଟା | ୧୨.୨୦ ଘଣ୍ଟା |

ଇ-ନିଲାମ ବିଜ୍ଞପ୍ତିର ସବିଶେଷ ତଥ୍ୟ ପାଇଁ ଉପରୋକ୍ତ ପରି ୱେବସାଇଟ୍ ମାଧ୍ୟମରେ ଇଚ୍ଛୁକ ପକ୍ଷ ଏବଂ ଚୁକ୍ତିଭିତ୍ତିକମାନେ ଅନୁସନ୍ଧାନ / ସ୍ପଷ୍ଟୀକରଣ ପାଇଁ, ଯଦି ଅଛି, ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

**(PR-1106)** ସିନିୟର ବିଭାଗୀୟ ବାଣିଜ୍ୟ ପରିଚାଳକ / ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହସି ହସି ସେବା କରୁ



**OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE. No. 319 Dt. 27.01.2024**

**'e' Procurement Notice**

**BID IDENTIFICATION NO. SEMIDBLS-06/2023-24 e-mail ID: mibalasore@yahoo.co.in**

The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" procurement (single cover) for the works as detailed in the Annexure to this bid notice.

| | |
|---|---|
| Name of the work: | Improvement to Check Dams in Balasore & Bhadrak District for the year 2023-24. |
| No. of Works: | 15 (Fifteen) Nos. Only |
| Estimated Cost: | Varies from Rs.2.52lakh to Rs.6.71lakh (Approximately) |
| Cost of Tender Paper: | Varies from Rs.2000/- to Rs.4000/- (Non- Refundable) |
| Period of Completion: | 02 (Two) Calendar months |
| Availability of bid documents for sale and receipt through on-line | From dt.09.02.2024, 10.00 A.M, to dt.19.02.2024, up to 5.00 P.M. |
| Last date/time of receipt of bids in the portal | 19.02.2024 (5.00PM) |
| Date of opening of Technical/Financial bid through online | On dt. 20.02.2024 at 11.00 A.M in the Office of the S.E, M.I. Division, Balasore. |
| Mode of payment of Bid Cost | Online |
| Date & Time of Transparent Lottery if necessary | On dt. 26.02.2024 at 11.30 A.M in the Office of the S.E, M.I. Division, Balasore |
| Digital Signature Certificate of Bidder: | The Bidder must possess compatible digital signature certificate (DSC). Of class-II Or Class-III |
| The detail tender call notice can also be seen in the DOWR web site http:/dowrorissa.gov.in | |
| **Name & Address of the OIT:** | Superintending Engineer, Minor Irrigation Division, Balasore. At/P.O/District - Balasore. Ph. No/Fax No.-06762-224461, Email ID: mibalasore@yahoo.co.in |
| Further details can be seen from the e-market place website www.tendersodisha.gov.in/ District NIC Portal (baleswar.nic.in) | |

Note: Corrigendum/ Addendum/ Modifications/ Additions if any can be seen through on-line only.

**OIPR: 32014/11/0015/2324**

**Superintending Engineer**
**M.I. Division, Balasore.**


# ବିଧାନସଭାରେ ଉଠିଲା ଗାଁ ସାଥୀ ପ୍ରସଙ୍ଗ

ଭୁବନେଶ୍ୱର, ୬/୨ (ନି.ପ୍ର): ଗାଁ ସାଥୀ ମାନଙ୍କର ଦାବି ଓ ପ୍ରସଙ୍ଗ ଆଜି ବିଧାନସଭାରେ ଉଠିଛି । ପ୍ରଥମେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଓ ପରେ କଂଗ୍ରେସ ବିଧାୟକ ଦଳର ନେତା ଏହି ପ୍ରସଙ୍ଗ ଉଠାଇ ଆନ୍ଦୋଳନରତ ଗାଁ ସାଥୀ ମାନଙ୍କ ସହ ସରକାର ଆଲୋଚନା କରି ତାଙ୍କର ଦାବି ପୂରଣ କରିବାକୁ ଅନୁରୋଧ କରିଛନ୍ତି । ପ୍ରଶ୍ନକାଳ ସମାପ୍ତ ହେବା ମାତ୍ରେ ଶୂନ୍ୟକାଳରେ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲିକ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀଙ୍କୁ କହିବାକୁ ଅନୁମତି ଦେଇଥିଲେ । ଶ୍ରୀ ମାଝୀ କହିଥିଲେ ଯେ ଦୀର୍ଘ ଦିନ ଧରି ଗାଁ ସାଥୀ ମାନେ ଲଗାତାର ଆନ୍ଦୋଳନ କରୁଛନ୍ତି । ହେଲେ ସେମାନଙ୍କର ଦାବିକୁ କେହି କର୍ଣପାତ ନ କରିବା ଦୁର୍ଭାଗ୍ୟଜନକ । ତେଣୁ ତାଙ୍କର ଦାବିକୁ ସ୍ୱୀକାର କରାଯାଉ ଓ ତାଙ୍କୁ ମାସିକ ଦଶ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ ।

କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ମଧ ଶୂନ୍ୟକାଳରେ ମୋହନ ମାଝୀଙ୍କ କଥାକୁ ସମର୍ଥନ କରିଥିଲେ ।


**AFFIDAVIT**

An affidavit before the executive Magistrate Bhadrak, I, Kuna Sing, aged about 37 years, S/o- Surendra Sing , Vill- Hatapada, P.o. Arandua, P.s- Basudevpur, Dist- Bhadrak. Declare that my real name is Kuna Swain which has been mentioned in Aadhar Card, Voter Identity Card and School Living Certificate . But my name has been wrongly mentioned in DL No. OR 22 20070000237 as Sankarshan Singh instead of Kuna Singh. So Kuna Sing and Sankarshan Singh is same & one Person Henceforth I will be known as Kuna Sing in all purpose.

**Kuna Sing**



**AFFIDAVIT**

An affidavit before the executive Magistrate Balasore, I, Sanjukta shaw, aged about 47 years, W/o Nihar Ranjan Shaw, At/po: Kuruda, Ps: Sadar, Dist: balasore. Declare that before my marriage my name was Sanjukta Jena which has been mentioned in R.C. Book is issued by R.T.O Balasore Vehicle vide Regd. No. OR-01B-4583. but after marriage my name has been changed in to as per my husband's title as Sanjukta shaw, Which has mentioned Aadhar Card. So Sanjukta shaw and Smt. Sanjukta Jena is same & one person. Henceforth I will be known as Sanjukta shaw in all purpose.

**Smt. Sanjukta shaw**


# ଶତାଧିକ ବିଜେପି କର୍ମୀଙ୍କ ବିଜେଡ଼ିରେ ଯୋଗଦାନ

ଭୁବନେଶ୍ୱର, ୬/୨ (ନି.ପ୍ର): ଏକାମ୍ର ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି କର୍ମୀ ମଙ୍ଗଳବାର ଶଙ୍ଖଭବନ ଠାରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ଦାସ ଓ ଶ୍ରୀ ପଣ୍ଡା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଏକାମ୍ର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ଦାସ ଓ ଶ୍ରୀ ପଣ୍ଡା କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବଟି ଜପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ ।

# ଟାଟା ଷ୍ଟିଲ ଫାଉଣ୍ଡେସନର ଅସ୍ମିତା ୨୦୨୪ ଅନୁଷ୍ଠିତ



ବାଲିଆପାଳ ୬/୨(ନି ପ୍ର ) ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସର ରେ ଟାଟା ଷ୍ଟିଲ ଫାଉଣ୍ଡେସନର ଅସ୍ମିତା ୨୦୨୪ ଅନୁଷ୍ଠିତ ହୋଇଯାଇଛି ।ବସ୍ତା ଓ ବାଲିଆପାଳ ବ୍ଲକ ର ୫୩ ଟି ବିଦ୍ୟାଳୟ ଓ ୫ ଟି ମହାବିଦ୍ୟାଳୟରୁ ଅନଗ୍ରସର ହରିଜନ ଓ ଆଦିବାସୀ ୪୬୬ ଜଣ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ର ଅଭିବୃଦ୍ଧି ପାଇଁ ଜ୍ୟୋତି ବୃତ୍ତି ମାଧ୍ୟମରେ ସପ୍ତମ ଶ୍ରେଣୀ ଠାରୁ ଉଚ୍ଚମାଧ୍ୟମିକ ପର୍ଯ୍ୟନ୍ତ ପାଞ୍ଚ ହଜାରରୁ ପଚାଶ ହଜାର ଟଙ୍କା ଯୋଗାଇ ଦିଆଯାଇଛି ୫୬ ଲକ୍ଷ ଟଙ୍କା ର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମ ରେ ଟାଟା ସାମାଜିକ ଦାୟିତ୍ୱରେ ଥିବା ଓଡ଼ିଶା ମୁଖ୍ୟ ଡଃ ଅମ୍ବିକା ପ୍ରସାଦ ନନ୍ଦ ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, କୃଷି ବୈଜ୍ଞାନିକ ଡଃ ଅଦ୍ୱୈତ ପାତ୍ର, ବ୍ଲକ ଶିକ୍ଷା ଅଧିକାର ସୁଧାଂଶୁ ଶେଖର ଜେନା, ଟାଟା ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର, ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ ।ମନ୍ମଥ କେଶରୀ ବାରିକ ମଞ୍ଚ ଆହ୍ୱାନ କରିଥିଲେ । ପ୍ରମୋଦ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଚିନ୍ମୟ କୁମାର ପାତ୍ର ସୁବ୍ରତ କୁମାର ପାତ୍ର,ପାର୍ଥ ପ୍ରତିମ ଦାସ, ଏବଂ ଟାଟାର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

# ଦୁଇ ଯୁବକଙ୍କ ନିଖୋଜ ଘଟଣାରେ ହତ୍ୟା ସନ୍ଦେହ ବଢ଼ାଇଲା ରକ୍ତ ଛିଟା ବାଇକ୍ ଓ ଚପଲ: ପୋଲିସର ତନାଘନା



ନୀଳଗିରି, ୬/୨ (ନି.ପ୍ର): ନିଳଗିରି ଅଞ୍ଚଳରେ ଦୁଇଜଣ ସାଙ୍ଗ ନିଖୋଜ ଥିବାବେଳେ ମିତ୍ରପୁର୍ ନିକଟସ୍ଥ ବ୍ଲୁ ଲେକ ନିକଟରେ ଏକ ଚପଲ ଓ ଏକ ବାଇକ୍ ଛିଡା ହୋଇଥିବା ବେଳେ ବାଇକରେ ବିଭିନ୍ନ ସ୍ଥାନରେ ରକ୍ତ ଛିଟା ଲାଗିଥିବାର ସ୍ଥାନୀୟ ଲୋକେ ମଙ୍ଗଳବାର ସକାଳେ ଦେଖିବାକୁ ପାଇଥିଲେ । ଉକ୍ତ ଖବର ସଙ୍ଗେ ସଙ୍ଗେ ପ୍ରଚାର ହୋଇଯାଇଥିଲା । ରକ୍ତ ଛିଟା ବାଇକ୍, ଚପଲ କାହାର ବୋଲି ପ୍ରସାର ହେବା ପରେ ନିଳଗିରି ବ୍ଲକ୍ ଅନ୍ତର୍ଗତ କାଂଶ ପଞ୍ଚାୟତର କାଂସ ଗ୍ରାମର ସନ୍ତୋଷ ରାଉତର ପୁଅ ଭବାନୀ ରାଉତ ଓ ଉକ୍ତ ଗ୍ରାମର ମନୋରଞ୍ଜନ ମହାପାତ୍ର ବୋଲି ଜଣାପଡିଛି । ଖବର ପାଇ ନିଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପରେ ନିଳଗିରି ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ବ୍ଲୁଲେକ୍ ରେ ଥିବା ଗଭୀର ଜଳରାଶି ମଧ୍ୟରେ ଖୋଜା ଖୋଜି ଜାରି ରଖିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ନିଳଗିରି ଥାନା ଅନ୍ତର୍ଗତ କାଂଶ ଗ୍ରାମର ସନ୍ତୋଷ ରାଉତ ର ପୁଅ ଭବାନୀ (୨୧)ଓ ଉକ୍ତ ଗ୍ରାମର ମନୋରଞ୍ଜନ ମହାପାତ୍ର ଏକ ହିରୋ ହୋଣ୍ଡା ବାଇକ୍ (ଓଡ଼ି, ୦୧ଆର୍,୬୦୩୦)ରେ ସୋମବାର ଦିନ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଘରୁ ବାହାରି ଦୁଇ ଜଣ ସାଙ୍ଗ କାମ ଅଛି ବୋଲି କହି ଆସିଥିଲେ । ଫେରିବାର ବିଳମ୍ବ ହେବାରୁ ଉଭୟ ପରିବାର ଲୋକେ ଦୁଇ ଜଣଙ୍କ ମୋବାଇଲକୁ କଲ କରନ୍ତେ ମୋବାଇଲ୍ ସ୍ୱିଚ୍ ଅଫ୍ ଥିଲା । କାଳେ ସେମାନଙ୍କ ସାଙ୍ଗ ଘରେ ରହିଥିବେ ଭାବି ଖୋଜା ଖୋଜି କରିଥିଲେ । ମାତ୍ର ସନ୍ଧାନ ମିଳିନଥିଲା । ମଙ୍ଗଳବାର ସକାଳେ ଘଟଣା ବାବଦରେ ପରିବାର ଲୋକେ ଜାଣିବା ପରେ ଘଟଣା ସ୍ଥଳରେ ପହଞ୍ଚି ବାଇକ୍, ଚପଲ ଚିହ୍ନଟ କରିଥିଲେ । ବାଇକରେ ଲାଗିଥିବା ରକ୍ତଛିଟା ଦେଖି କେହି ତାଙ୍କ ଭାଇଙ୍କୁ ହତ୍ୟା କରିଥାଇ ପରିଥାଏ ବୋଲି ଭବାନୀର ବଡ଼ଭାଇ ଏବଂ ଭାଉଜ ନିକଟସ୍ଥ ଜଙ୍ଗଲରେ ଖୋଜାଖୋଜି କରି ନିରାଶ ହେବାପରେ କେହି ଦୁର୍ବୃତ୍ତ ତାଙ୍କ ଭାଇ ଓ ତା ସାଙ୍ଗକୁ ମାରି ବ୍ଲୁ ଲେକର ଗଭୀର ଜଳରାଶି ମଧ୍ୟରେ ଫିଙ୍ଗି ଦେଇଥିବା କହିଛନ୍ତି ।ଏ ନେଇ ନିଖୋଜ ଭବାନୀ ରାଉତର ବଡ଼ ଭାଇ ବିଜୟ ରାଉତ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏହାକୁ ହତ୍ୟା ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

# ଟିମ୍ କିଡସ୍ ବାରିପଦାରେ 'ବାଲ ମହୋତ୍ସବ ୨୦୨୪' ପାଳିତ



ବାରିପଦା, ୬/୨ (ନି.ପ୍ର): ବାରିପଦା ସ୍ଥିତ କୁନି ପିଲାଙ୍କ ଦୁଇ ସ୍କୁଲ ଟିମ୍ କିଡସ୍ (ବାଘଡା ରୋଡ଼ ଓ ମୁର୍ଗାବାଡି) ଆନୁକୁଲ୍ୟରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ତା'ର ୧୩ତମ ବାର୍ଷିକ ଉତ୍ସବ 'ବାଲ ମହୋତ୍ସବ '୨୪' ନାମରେ ମହା ଆଡ଼ମ୍ବରରେ ପାଳିତ ହୋଇ ଯାଇଛି । ଏଥିରେ ଅତିଥିମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ସେଠୀ, ମୟୁରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି, ଡକ୍ଟର ଆକାଶ ଜେନା, କେମିକାଲ ପ୍ରସେସ୍ ଇଂଜିନିୟର, ଲୁଇସିଆନା, ୟୁ. ଏସ. ଏ, ସମ୍ମାନୀୟ ଅତିଥି ଓ ଶିଳ୍ପପତି ତଥା ସମାଜ ସେବୀ ଆଲୋକ କୁମାର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ । ଟିମ୍ କିଡସ୍ ର ଚାରି ଉପଦେଶକ ଯଥା ଯତୀନ୍ଦ୍ର ମୋହନ ଶତପଥୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ଆଶିଷ କୁମାର ବସା, ନାଟ୍ୟକାର ଓ ସମାଜ ସେବୀ , ପ୍ରଜ୍ଞା ପରମିତା ପଣ୍ଡା, ଗୀତିକବି ଓ ଅବସର ପ୍ରାପ୍ତ ଶିକ୍ଷକ ବଳରାମ ନାଥ କାର୍ଯ୍ୟକ୍ରମର ବିଭିନ୍ନ ସ୍ତରରେ ତାଙ୍କର ଅଭିଜ୍ଞତା ପ୍ରଦର୍ଶନ କରିଥିଲେ । ଅନୁଷ୍ଠାନ ର ନିର୍ଦ୍ଦେଶକ ଅସିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଟିମ୍ କିଡସ୍ ର ଶିକ୍ଷା ଉପଦେଷ୍ଟା ଉର୍ବଶୀ ମହାନ୍ତି ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଉପଦେଶକ ମଣ୍ଡଳୀ ବାର୍ଷିକ ପରିବେଶ ବକ୍ତୃତା ପ୍ରତିଯୋଗିତା ରେ ପ୍ରଥମ ହୋଇଥିବା ଦୁଇ ସ୍କୁଲ ର ଦୁଇ ବିଜେତା ରଶ୍ମିରେଖା ସିଂ ଓ ସ୍ୱରନ୍ୟା ବିଶ୍ୱାଳ ଙ୍କୁ ଟ୍ରଫି, ମାନପତ୍ର ଓ ଫୁଲ ଗଛ ଦେଇ ଅତିଥି ଙ୍କ ସହ ମିଶି ସମ୍ମାନିତ କରିଥିଲେ । ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ସଂସ୍କାରି ହେବା, ବାପା ମାଆଙ୍କ ସେବା ଓ ପରିବେଶର ଯତ୍ନ ନେବା କୁ ନିଜ ବକ୍ତବ୍ୟରେ ଗୁରୁତ୍ୱ ଦେଇଥିଲେ । ସମ୍ମାନୀୟ ଅତିଥି ଡକ୍ଟର ଆକାଶ ଜେନା ନିଜ ବକ୍ତବ୍ୟରେ ଆଜିର ସମୟରେ ସଠିକ ବିଦ୍ୟାଳୟ ର ଚୟନ କିପରି କରିବେ ତାହା ବୁଝାଇ ଥିଲେ । ନିର୍ଦ୍ଦେଶକ ଅସିତ ମହାନ୍ତି କୁନି ପିଲାଙ୍କୁ କିପରି ଭରପୁର ଭଲପାଇବା ଦେଇ ବଡ଼ କରିବା ପାଇଁ ହେବ ସମସ୍ତ ବାପା ମାଆ ଓ ଶିକ୍ଷୟିତ୍ରୀ ମାନଙ୍କୁ ଭୂୟସୀ ବୁଝାଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ରେ କୁନିପିଲା ମାନଙ୍କ ରାମାୟଣର କିଛି ଅଂଶର ଅଭିନୟ ଖୁବ ଚମତ୍କାର ହୋଇଥିଲା । ଏହାଛଡା ଦେଶାତ୍ମବୋଧକ ଗୀତ, ଶିବ ଆରାଧନା ଓ କୁନି ପିଲାଙ୍କ ସହ ବାପା ମାଆଙ୍କ ଫେସନ୍ ଶୋ ବହୁତ ଚିତ୍ତାକର୍ଷକ ହୋଇ ଥିଲା । ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଉଷାରାଣୀ ମହାନ୍ତି, ଭାରତୀ ମହାନ୍ତ, ମଧୁମିତା ଦେ, ସାହିନିତା ଶୁଭଦର୍ଶୀନି ନାଏକ, ରେଖା କୁମ୍ଭକାର, କାମିନୀ ବେହେରା, ସସ୍ମିତା ସୁର, ଦେବୀକା ମୈତ୍ର, ମୋନାଲିସା ବେହେରା ଓ ଜୋଜିତା ଦିଗାର ଙ୍କ ଉଦ୍ୟମ ରେ ବାଲ ମହୋତ୍ସବ ୨୦୨୪ ସୁଚାରୁରୂପେ ପରିଚାଳିତ ହୋଇଥିଲା ।

# ଆଧାର କରିଦେଇଛି ସବୁ ଅନ୍ଧାର: ଗୋଟିଏ ଗ୍ରାମରେ ଶତାଧିକ ଲୋକ ଚାଉଳ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ରୁ ବଂଚିତ



ଉଦଳା , ୬/୨ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଡୁଙ୍ଗୁରୁଡ଼ିହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ପ୍ରାୟ ଏକ ଶହରୁ ଉର୍ଦ୍ଧ ଲୋକଙ୍କର ଆଧାର କାର୍ଡ଼ ନାହିଁ । ଫଳରେ ସରକାର ଖାଦ୍ୟ ଯୋଜନାରେ ମୁଣ୍ଡପିଛା ଯୋଗାଇ ଦେଉଥିବା ୫ କି.ଗ୍ରା ଚାଉଳ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ପାଇବାରୁ ଲୋକେ ବଂଚିତ ଅଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହି ସବୁ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଆଧାର କାର୍ଡ଼ ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମରେ ସ୍ୱତନ୍ତ୍ର ଶିବିର କରି ଆଧାର କାର୍ଡ଼ ଯୋଗାଇ ଦେବାକୁ ଗ୍ରାମର ବାସିନ୍ଦା ସୁନିଆ ହେମ୍ବ୍ରମ, ସାମିଆ ସୋରେନ ଓ ମାନକ ହେମ୍ବ୍ରମ ପ୍ରମୁଖ ଦାବି ଜଣାଇଛନ୍ତି ।

# ଶିଶୁ ବିହାରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୬/୨ (ନି.ପ୍ର): ବାସୁଦେବପୁର ଶିଶୁ ବିହାରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଏକ ମଧୁର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ମାନସ ସାହୁ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ବାସୁଦେବପୁର ବ୍ଲକ ବିଡ଼ିଓ ସଞ୍ଜୀବ କୁମାର ସାହୁ, ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅଟଳ ବିହାରୀ କଲେଜର ଅଧକ୍ଷ ବିଷ୍ଣୁ ମୋହନ ସ୍ୱାଇଁ, ବିଜ୍ଞାନ ଶିକ୍ଷକ ବିଜୟ ବେହେରା, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସନ୍ତୋଷ ମହାରଣା, ସମ୍ପାଦକ ଭାବଗ୍ରାହୀ ନାୟକ ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗଦେଇ ସାହିତ୍ୟ ଶିକ୍ଷା ଓ କଳା ସଂସ୍କୃତି ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କେ କେ ଜି ପି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିଜୟ ବେହେରା ଓ ଶିଶୁ ବିହାରର ପୁରାତନ ଛାତ୍ରୀ ସୁଶ୍ରୀ ଦୀପ୍ତି ପ୍ରଜ୍ଞା ଦାସ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଓ ସଭାପତି ମାନସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶିଶୁ ବିହାରର ଶିଶୁ ନାଟକ ବାଇ ଚଢେଇର ବାଇଆ ବସା ମଞ୍ଚସ୍ଥ ହୋଇଥିଲା । ପିଲାମାନେ ଖୁବ୍ ସୁନ୍ଦର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ଓ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିଶୁ ବିହାରର ଗୁରୁଜୀ ଭରତ ଚନ୍ଦ୍ର ନାୟକ, ରାମଚନ୍ଦ୍ର ନାୟକ ଓ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ବହୁ ସଂଖ୍ୟା ରେ ଅଭିଭାବକ ଛାତ୍ର ଛାତ୍ରୀ ଜନସାଧାରଣ ବିଭିନ୍ନ କାର୍ଯକ୍ରମକୁ ଉପଭୋଗ କରିଥିଲେ ।

# ଅବକାରୀ ବିଭାଗର ଚଢ଼ାଉ: ଚୋରା ଦେଶୀ ମଦ ସହ ଚାରି ଜଣ ଗିରଫ



ବେତନଟୀ , ୬/୨ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନରେ ପୃଥକ ପୃଥକ ଭାବରେ ବିଭିନ୍ନ ସ୍ଥାନରୁ ଦେଶୀ ମଦ ଜବତ ସହ ଚାରି ଜଣ କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବେତନଟୀ ଥାନା ଅଧୀନ ଖମାରୀ ଗ୍ରାମ ର ଧନଞ୍ଜୟ ମହାନ୍ତ(୪୬) , ବୈଶିଙ୍ଗା ଥାନା ଅଧୀନ ହଳଦିପଦା ଗ୍ରାମ ର ସୁରେଶ ଚନ୍ଦ୍ର ଦାସ(୩୯) , ଅଜାଡିହା ଗ୍ରାମ ର ଆରତୀ ସିଂ(୩୫), ପଦ୍ମପୁର ଗ୍ରାମ ର କୁନି ସିଂ (୪୫)ଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୩୫ ଲିଟର ମଦ ଜବତ କରାଯାଇଛି । ଚଢ଼ାଉ ସମୟରେ ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ,ଏସ.ଆଇ ସୁଧାଂଶୁ କୁମାର ବେହେରା, ଏସ.ଆଇ ଦୀପିକା ପରିଡ଼ା, କାଶୀନାଥ ସରେନ, ବ୍ରମଜୀତ ଦାସ, ଲିଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଡିଏଚଏଚରେ ଖୋଲିଲା ମୁକ୍ତ ଡାଇଲିସିସ କେନ୍ଦ୍ର

ଖୋର୍ଦ୍ଧା, ୬/୨ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ୫ଶଯ୍ୟା ବିଶିଷ୍ଟ ଫ୍ରି ଡାଇଲାସିସ ସେଂଟର ଉଦଘାଟିତ ହୋଇଛି । ଖୋର୍ଦ୍ଧା ମେଡିକାଲରେ ଉଦଘାଟନୀ ଉତ୍ସବରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଅନ୍ୟତମ ଅତିଥିଭାବେ ଜିଲ୍ଲାପାଳ ଚଂଚଲ ରାଣା, ସିଡିଏମଓ ଡା. ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ୫ଶଯ୍ୟା ବିଶିଷ୍ଟ ଏହି କେନ୍ଦ୍ରରେ ଦିନକୁ ୧୫ଜଣ ରୋଗୀ ଚିକିତ୍ସା ପାଇପାରିବେ । ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲ ମ୍ୟାନେଜଣ ଡା. ବିନାୟକ ପାଣିଗ୍ରାହୀ, ଡାଇଲାସିସି ସେଂଟରରେ ନିଯୁକ୍ତି ପାଇଥିବା କର୍ମଚାରୀ ଉପସ୍ଥିତଥିଲେ ।

# ୪୧ ବିଭାଗରେ ଖାଲି ପଡ଼ିଛି ୯୮ ହଜାର ୩୪୮ ପଦବୀ

ଭୁବନେଶ୍ୱର, ୬/୨ (ନି.ପ୍ର): ରାଜ୍ୟରେ ସରକାରୀ ଅଧିକାରୀଙ୍କ ମରୁଡ଼ି ପଡିଛି । ରାଜ୍ୟ ସରକାରଙ୍କ ୪୧ ବିଭାଗରେ ୯୮ ହଜାର ୩୪୮ ପଦବୀ ଖାଲି ପଡ଼ିଛି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ବିଧାନସଭାରେ ଏହି ଉତର ଦେଇଛନ୍ତି । ବିଜେପି ବିଧାୟକ ମୁକେଶ ମହାଲିଙ୍ଗଙ୍କ ପ୍ରଶ୍ନର ଉତର ରଖି ମନ୍ତ୍ରୀ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗରେ ୨୬,୮୧୫ ପଦବୀ ଖାଲିଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୨୧,୮୪୪, ଗୃହ ବିଭାଗରେ ୭,୩୧୫ ପଦବୀ ଖାଲି ରହିଛି । ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ୫, ୮୯୨ ପଦବୀ ଖାଲି ପଡିଛି । ଉଚ୍ଚଶିକ୍ଷା ବିଭାଗରେ ୩୭୭୭ ଓ କୃଷି ବିଭାଗର ୨୮୨୧ ପଦବୀ ଖାଲି ପଡ଼ିଛି ।

# ପିଏନ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ଖୋର୍ଦ୍ଧା, ୬/୨ (ନି.ପ୍ର): ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ମାନଙ୍କୁ ନେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଏହି ଶିବିର ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ମହାବିଦ୍ୟାଳୟ ଅଧକ୍ଷା ଡ. ବିନୋଦିନୀ ମିଶ୍ରଙ୍କ ସଭାପତିତ୍ୱ କରି ଛାତ୍ରୀଙ୍କୁ ଦୃଢ ଆତ୍ମବିଶ୍ୱାସ ରଖିବାକୁ ପରାମର୍ଶ ଦେଇଥିଲେ । ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ସମାଜ ପ୍ରତି ସେବା ସମର୍ପଣ ଭାବ ରଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ । ପ୍ରାଧ୍ୟାପକ ଶୁଭେନ୍ଦ୍ର ମହାନ୍ତି ଛାତ୍ରୀ ମାନଙ୍କୁ ଦାୟିତ୍ୱ ଓ କର୍ତବ୍ୟ ପ୍ରତି ସଚେତନ ହେବାକୁ କହିଥିଲେ । ସମାଜସେବାରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ । ମହାବିଦ୍ୟାଳୟ ଉପାଧକ୍ଷ ପ୍ରଣବ ପ୍ରକାଶ ମହାନ୍ତି ନାରୀ ସ୍ୱାଧିନତା ଓ ଛାତ୍ରୀ ମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧାପିକା ସୁଧାଂଶୁମାଳା ରାଉତ ଶିବିର ସଂଯୋଜନା କରିଥିଲେ । ପ୍ରଶିକ୍ଷିକା ଭାବେ ଆସମା ବେଗମ, ଶୁଭସ୍ମିତା ମହାରଣା, ଲିପସା ପ୍ରଧାନ ଓ ଲିପିକା ବରାଡ, ଅନିତା ମହାପାତ୍ର ଯୋଗଦେଇ ଛାତ୍ରୀ ମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ । ବହୁ ସଂଖ୍ୟାରେ ଛାତ୍ର ଯୋଗଦେଇଛନ୍ତି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୬୦ୟୁନିଟ ରକ୍ତ ସଂଗୃହୀତ




ବସ୍ତା, ୬/୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ରୂପସା ଫ୍ରେଣ୍ଡସ ଫିସାରୀ, ନୀଳମଣି ମହାବିଦ୍ୟାଳୟ ଓ ଓଡିଶା ବ୍ଲଡ଼ ଡୋନର ଏସୋସିଏସନ ମିଳିତ ସହଯୋଗରେ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଫ୍ରେଣ୍ଡସ ଫିସାରୀ ଓନର ବଂଶୀଧର ପଣ୍ଡା ଓ ପ୍ରସନ୍ନ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରକୁ ମୁଖ୍ୟ ଅତିଥି ବାଲେଶ୍ୱର ଏସବିଆଇ ମ୍ୟାନେଜର ଅଭିଷେକ ସାହୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ସଞ୍ଜୀବ କୁମାର ପ୍ରଧାନ, ଆସିଷ୍ଟାଣ୍ଟ ବ୍ୟାଙ୍କ ମ୍ୟାନେଜର ସୁଧୀର କୁମାର ପଣ୍ଡା,ରୂପସା ଶାଖା ମ୍ୟାନେଜର ଶାନ୍ତନୁ କୁମାର ଲେଙ୍କା,ଅଧକ୍ଷ ଡ଼ ତପନ କୁମାର ବେହେରା,ବରିଷ୍ଠ ସାମ୍ବାଦିକ ବାଞ୍ଛାନିଧି ଦେ,ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, ଅଧାପକ ଗୌରାଙ୍ଗ ପଣ୍ଡା ଓ ଶମ୍ଭୁନାଥ ଗିରି ,ପୂର୍ବତନ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ରକ୍ତଦାନ ମହତ ଦାନ ହୋଇଥିବାରୁ ସେଥିପ୍ରତି ଯୁବ ସମାଜ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ବ୍ଲଡ଼ ବ୍ୟାଙ୍କ ଟିମଙ୍କ ତତ୍ତ୍ୱାବଧାନରେ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସ୍ୱେଚ୍ଛାସେବୀ ସୁବ୍ରତ ମଲ୍ଲିକ, ପାର୍ଥସାରଥୀ ରାଉତ, ଜ୍ୟୋତ୍ସ୍ନାରାଣୀ ପଣ୍ଡା ରକ୍ତଦାତାଙ୍କ ନାମ ପଞ୍ଜିକରଣ କରିଥିଲେ । ମନୋଜ କୁମାର ଗିରି, ସତ୍ୟବ୍ରତ ଗିରି, ରାଜେନ୍ଦ୍ର ବେହେରା, ଜୀତେନ୍ଦ୍ର ପରିଡା, ପଦ୍ମଲୋଚନ ବଡ଼େଇ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo